

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୮ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 28 JANUARY 2026
Vol.No. 36 ■ No.26 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ବଢ଼ିଲା ଅଙ୍ଗନବାଡି ପିଲାଙ୍କ ପୋଷାକ ମୂଲ୍ୟ

ଭୁବନେଶ୍ୱର, ୨୭/୧ (ନି.ପ୍ର): ଅଙ୍ଗନବାଡି ପିଲାଙ୍କ ପୋଷାକର ସରକାରୀ ମୂଲ୍ୟ ବୃଦ୍ଧି କରାଯାଇଛି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାରେ ପ୍ରି ସ୍କୁଲ ପିଲାଙ୍କର ପୋଷାକ ଓ ଜୋତା ବାବଦକୁ ମୂଲ୍ୟ ବୃଦ୍ଧି କରାଯାଇଛି। ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ୧୭୫ ଟଙ୍କା ବାଳିକାଙ୍କ ପୋଷାକ ଖର୍ଚ୍ଚ ୧୫୦ରୁ ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜୋତା ପାଇଁ ଖର୍ଚ୍ଚ ୧୦୦ରୁ ବଢ଼ି ୧୫୦ ଟଙ୍କା ହୋଇଛି। ସେହିପରି ସ୍ୱେଟର ପାଇଁ ୧୫୦ ଟଙ୍କାକୁ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଘୋଷଣା କରିଛନ୍ତି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ୩ ରୁ ୬ ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ (ୟୁନିଫର୍ମ), ଜୋତା ଓ ମୋଜା ଏବଂ ସ୍ୱେଟରର ମୂଲ୍ୟରେ ଓଡ଼ିଶା ସରକାର ଏକ ସଂଶୋଧନ ପାଇଁ ଅନୁମୋଦନ କରିଛନ୍ତି । କପଡ଼ାର କ୍ରମାଗତ ବର୍ଦ୍ଧିତ ମୂଲ୍ୟ, ସିଲେଇ ଖର୍ଚ୍ଚ, ପରିବହନ ବ୍ୟୟକୁ ଦୃଷ୍ଟିରେ ରଖି ଏବଂ ଛୋଟ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ ଓ ଆନୁଷଙ୍ଗିକ ସାମଗ୍ରୀର ଗୁଣବତା ବଜାୟ ରଖିବା ପାଇଁ ଏହି ସଂଶୋଧନ କରାଯାଇଛି।

## ଜାତୀୟ ସ୍ତରରେ ସମସ୍ତ ବ୍ୟାଙ୍କ୍ ସେବା ବନ୍ଦ

ଭୁବନେଶ୍ୱର, ୨୭/୧ (ନି.ପ୍ର): ଜାତୀୟ ସ୍ତରରେ ସମସ୍ତ ବ୍ୟାଙ୍କ୍ ସେବା ବନ୍ଦ ରହିଛି । ପାଖାପାଖି ୮ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବ୍ୟାଙ୍କ କର୍ମଚାରୀମାନେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଦାବି କରି ପ୍ରତିବାଦ କରୁଛନ୍ତି । ଏହି ଆନ୍ଦୋଳନରେ ସରକାରୀ, ବେସରକାରୀ, ବିଦେଶୀ, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ ହୋଇଛନ୍ତି। ଭାରତୀୟ ବ୍ୟାଙ୍କ ସଂଘର ଏହି ପ୍ରସ୍ତାବ ଗତ ଦୁଇ ବର୍ଷ ଧରି ସରକାରଙ୍କ ନିକଟରେ ବିଚାରାଧୀନ ରହିଛି, କିନ୍ତୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ଯାହା ଫଳରେ ଆଜି ସବୁ ବ୍ୟାଙ୍କ୍ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫେଳରେ ଲାକଙ୍କ ସେବା ପ୍ରଭାବିତ ହୋଇଛି । ବ୍ୟାଙ୍କ୍ କର୍ମଚାରୀଙ୍କ କହିବା କଥା ଅଧାରୁ ଅଧିକ ବ୍ୟାଙ୍କ ସେବା ଡିଜିଟାଲ ମୋଡରେ ହୋଇପାରୁଛି । ତେଣୁ ଆବଶ୍ୟକ ପେପର ୱାର୍କ ଆମେ କରୁଛୁ । ମାନସିକ ଚାପ ବଢ଼ୁଛି ।

# ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ନୂଆଯୁଗର ଶୁଭାରମ୍ଭ

## ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ,୨୭/୧ : ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି । ଆମେରିକାର ଟାରିଫ୍ ବୋଝ ଭିତରେ ଏହି ଚୁକ୍ତି ଫଳରେ ୨୭ଟି ୟୁରୋପୀୟ ଦେଶ ସହ ଭାରତ କୌଣସି ପ୍ରତବନ୍ଧକ ନଥାଇ ଖୋଲାଖୋଲି ବ୍ୟବସାୟ କରିପାରିବ । ସେପଟେ ଏହା ପରେ ଆମେରିକା ଚିହିଁକି ଉଠିଛି । ଭାରତ ପାଇଁ ସୃଷ୍ଟି ହେଲା ବିରାଟ ସୁଯୋଗ। ୟୁରୋପୀୟ ସଂଘ ହେଲା ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର । ଉଭୟ ପକ୍ଷ ବହୁଦିନ ଧରି ଏ ବିଷୟରେ ବାରମ୍ବାର ଆଲୋଚନା କରିଆସୁଥିଲେ । ଅଷ୍ଟାଦଶ ପର୍ଯ୍ୟାୟ ଆଲୋଚନା ପରେ ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି । ଉଭୟ ଭାରତ ଓ ୟୁରୋପୀୟ ସଂଘ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଐତିହାସିକ ବୋଲି କହିଛନ୍ତି । ଏହିଚୁକ୍ତି କେବଳ ଦୁଇ ଅଞ୍ଚଳର ଅର୍ଥନୀତିକୁ ସମୃଦ୍ଧ କରିବ ନାହିଁ,



ବିଶ୍ୱସ୍ତରରେ ବଢୁଥିବା ଶୁଳ୍କ ଯୁଦ୍ଧ ଏବଂ ସଂରକ୍ଷଣବାଦ ବିରୋଧରେ ଶକ୍ତ ବାର୍ତ୍ତା ଦେବ। ଗାଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ ରଖୁଥିବା ଦୁଇଟି ବଡ଼ ଅର୍ଥବ୍ୟବସ୍ଥା ଏକାଠି ହେଲେ ବିଶ୍ୱ ବଜାରରେ ସ୍ଥିରତା ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। କେବଳ ବାଣିଜ୍ୟ ନୁହେଁ, ଜଳବାୟୁ ପରିବର୍ତ୍ତନ ଓ ବୈଷୟିକ ସହଯୋଗ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି ହେବ । ୟୁରୋପୀୟ ସଂଘ ଓ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ପରେ ଟାରିଫ୍ ବୋଝ ଲଦୁଥିବା ଆମେରିକା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି, ୟୁକ୍ରେନ ବିରୋଧରେ ରୁଷକୁ ଯୁଦ୍ଧ ପାଇଁ ୟୁରୋପୀୟ ଦେଶ ଓ ଭାରତ ଶକ୍ତି ଯୋଗାଉଛନ୍ତି । ଏହାକୁ ଆମେରିକା ସମାଲୋଚନା କରିଛି ।

## ଜୁଲାଇ ପୂର୍ବରୁ ସରିବ ନୂଆ ଏନ୍‌ଏସି ନିର୍ବାଚନ

ନୂଆଦିଲ୍ଲୀ,୨୭/୧ : ରାଜ୍ୟରେ ନୂଆ କରି ଗଠିତ ହୋଇଥିବା ଏନଏସି ଓ ମ୍ୟୁନିସିପାଲଟିରେ ଜୁନ୍ ୨୦ ତାରିଖ ପୂର୍ବରୁ ସରିବ ନିର୍ବାଚନ । ରାଜ୍ୟ ନିର୍ବାଚନ କମିସନ ଏ ବାବଦରେ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି । ଏପଟେ ଦୀର୍ଘ ଦିନ ହେବ ଜନପ୍ରତିନିଧି ଶୂନ୍ୟ ହୋଇପଡ଼ିଛି ରାଜ୍ୟର ୧୪୮ଟି ପଞ୍ଚାୟତ । ବିକାଶର ଚାବିକାଠି ରହିଛି ଅଧିକାରୀଙ୍କ ହାତରେ । ଫଳରେ ପଞ୍ଚାୟତ ଗୁଡିକର ବିକାଶମୂଳକ କାର୍ଯ୍ୟ ବାଟବଣା ହୋଇଯାଇଛି । ରାଜ୍ୟରେ ନୂଆ କରି ଗଠନ ହୋଇଥିବା ମହାନଗର ନିଗମ, ପୌର ପରିଷଦ ଓ ଏନ୍‌ଏସି ପାଇଁ ହେବ ନିର୍ବାଚନ । ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ କମିସନ । ଗତ ୨୨ ଡିସେମ୍ବରରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିଥିଲେ ସରକାର । ନିୟମ ଅନୁସାରେ, ବିଜ୍ଞପ୍ତି ପ୍ରକାଶର ୬ ମାସ ଅର୍ଥାତ୍ ଜୁନ୍ ୨୦ ତାରିଖ ସୁଦ୍ଧା ନିର୍ବାଚନ ସରିବ । ଜାନୁଆରି ୧୫ ତାରିଖରେ ଉକ୍ତ ଅଞ୍ଚଳ ଗୁଡିକରେ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ କରିବାକୁ ନଗର ଉନ୍ନୟନ ବିଭାଗକୁ ଅବଗତ କରିଥିଲେ ନିର୍ବାଚନ କମିସନ । ସରକାର ଏ ଦିଗରେ ପଦକ୍ଷେପ ନେଲେ, ଜୁନ୍ ୨୦ରେ ୩୬ ନୂଆ ସହର ଦେଖିବ ଲୋକପ୍ରତିନିଧି । ଗୋଟେ ପଟେ ନୂଆ ପୌରସଂସ୍ଥାରେ ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ହେଉଥିବା ବେଳେ ଶତାଧିକ ପଞ୍ଚାୟତ ବିନା ଜନପ୍ରତିନିଧିରେ ଚାଲିଛି । ଜନପ୍ରତିନିଧି ଶୂନ୍ୟ ୧୪୮ ପଞ୍ଚାୟତ। ଅଧିକାରୀଙ୍କ ହାତରେ ପଞ୍ଚାୟତ ଥିବାରୁ ନାହିଁ ନଥିବା ହଇରାଣ ହେଉଛନ୍ତି ସାଧାରଣ ଲୋକେ । ବିକାଶମୂଳକ କାର୍ଯ୍ୟ ବି ବାଟବଣା । ଏନେଇ କନକ ନ୍ୟୁଜରେ ଖବର ପ୍ରସାରଣ ପରେ ବିଚାର କରୁଛନ୍ତି ବୋଲି କହିଛନ୍ତି ସଚିବ । ତେବେ ବିଶେଷଜ୍ଞଙ୍କ ମତରେ, ପଞ୍ଚାୟତ ଆସନ ଖାଲି ହେବାର ୬ମାସ ଭିତରେ ଭୋଟ୍ ହେବା କଥା । ତେବେ କାହିଁକି ଭୋଟ୍ ହେଉନାହିଁ ? ସ୍ଥାନୀୟ ଜନପ୍ରତିନିଧି କିମ୍ବା କୌଣସି ରାଜନୈତିକ ଦଳ କାହିଁକି ଚୁପ୍ ରହିଛନ୍ତି ? ବୋଲି ପ୍ରଶ୍ନ ଉଠାଇଛନ୍ତି । ପୂର୍ଣ୍ଣାଙ୍ଗ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି ରାଜ୍ୟ ନିର୍ବାଚନ କମିସନ ।

## ସରକାରଙ୍କୁ ହାଇକୋର୍ଟଙ୍କ ଝଟକା: ପିୟୁସିସି ନଥିଲେ ପେଟ୍ରୋଲ ମନା ନିର୍ଦ୍ଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୨୭/୧ (ନି.ପ୍ର): ପ୍ରଦୂଷଣ ପ୍ରମାଣ ପତ୍ର ନଥିଲେ ପେଟ୍ରୋଲ ମନା ନେଇ ପରିବହନ ବିଭାଗ ଗାଇଡଲାଇନ ସରକାରଙ୍କୁ ଅକଳରେ ପକାଇଛି । ମାମଲା ହାଇକୋର୍ଟରେ ପହଁଚିବା ପରେ ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛନ୍ତି ରାଜ୍ୟ ସରକାର । ଅନ୍ୟପଟେ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ପ୍ରଦୂଷଣ ପ୍ରମାଣ ପତ୍ର କଟକଣା ନାଁରେ ପରିବହନ ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ସରକାରଙ୍କୁ ମହଙ୍ଗା ପଡିଛି । ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ, ବାଧହୋଇ ନିର୍ଦ୍ଦେଶ ପ୍ରତ୍ୟାହାର କରିଛି ପରିବହନ ବିଭାଗ । ସତ୍ୟପାଠ ଦାଖଲ କରି, ପ୍ରଦୂଷଣ ପ୍ରମାଣ ପତ୍ର ନଥିଲେ ପେଟ୍ରୋଲ ମନା ନିର୍ଦ୍ଦେଶ ପ୍ରତ୍ୟାହୃତ ନେଇ ହାଇକୋର୍ଟଙ୍କୁ ଅବଗତ କରିଛି ।ଖଣ୍ଡପୀଠ ନିର୍ଦ୍ଦେଶ ଦେଇ କହିଛନ୍ତି, ସମସ୍ତ ଚାଲାଣ ଭରିବାକୁ ବାଧ କରିପାରିବେ ନାହିଁ ସରକାର । ଏଥିପାଇଁ ବାହନ ପୋର୍ଟାଲରେ ସଂଶୋଧନ କର ।




ବାହନ ପୋର୍ଟାଲରେ କୌଣସି ଚାଳକ ଯେମିତି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ତାହା ଉପରେ ପଦକ୍ଷେପ ନିଅ । ଏଥିସହ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ । ପିୟୁସିସି ନଥିଲେ ପେଟ୍ରୋଲ ମନା ନେଇ ଗତ ମାସରେ ଅଚାନକ କଟକଣା ଲଗାଇଥିଲା ପରିବହନ ବିଭାଗ । ତାପରେ କାମ ଧନ୍ଦା ଛାଡି ପ୍ରଦୂଷଣ ଯାଂଚ କେନ୍ଦ୍ର ଆଗରେ ଧାଡି ଲଗାଇଥିଲେ ହଜାର ହଜାର ଗାଡି ଚାଳକ । କିନ୍ତୁ ଯେଉଁ ମାନଙ୍କର ପୂର୍ବରୁ କୌଣସି ଜରିମାନା ଥିଲା ସେମାନେ ସମସ୍ୟାରେ ପଡିଥିଲେ । ଜରିମାନା ପଇଠ କରିବା ପାଇଁ ପୁଣି ଟ୍ରାଫିକ୍ ଅଫିସ୍ ଆଗରେ ଲାଇନ୍ ଲଗାଇଥିଲେ । ଏହାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ବାହାନ ପୋର୍ଟାଲରେ ଥିବା ତ୍ରୁଟି ଓ ପରିବହନ ବିଭାଗର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ ଆବେଦନକାରୀ । ମାମଲାର ଶୁଣାଣି କରି ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ପିୟୁସିସି କଟକଣା ପରେ ବିରୋଧୀ ସରକାରଙ୍କୁ ଘେରିଥିଲେ । ବିଭିନ୍ନ ସଂଗଠନ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ । ଏବେ ପ୍ରଶ୍ନ ଉଠୁଛି, କାହା ସ୍ୱାର୍ଥରେ ଅତି ତରବରିଆ ଭାବେ ପିୟୁସିସି କଟକଣା ଲଗାଇଥିଲେ ସରକାର ? ସରକାରଙ୍କ ଅସଲ ଉଦ୍ଦେଶ୍ୟ କ'ଣ ଥିଲା, ଜରିମାନା ଆଦାୟ ନା ପ୍ରଦୂଷଣ ନିୟନ୍ତ୍ରଣ ?

## ଆଜି ୮ଘଣ୍ଟିଆ ଓଡ଼ିଶା ବନ୍ଦ: ନବ ନିର୍ମାଣ କୃଷକ ସଂଗଠନର ଡାକରାକୁ ସମର୍ଥନ କଲା କଂଗ୍ରେସ

ଭୁବନେଶ୍ୱର, ୨୭/୧ (ନି.ପ୍ର): ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଠନଗ । ଧାନ ମଣ୍ଡି, ପିୟୁସିସି ଓ ସ୍ମାର୍ଟ ମିଟର ପ୍ରସଙ୍ଗରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯିବ । କଂଗ୍ରେସ ବନ୍ଦକୁ ସମର୍ଥନ ଜଣାଇଥିବା ବେଳେ ବିଜେଡି ମଧ୍ୟ ପରୋକ୍ଷରେ ସମର୍ଥନ ଦେଇଛି। ଅନ୍ୟପଟେ ନକଲି ଚାଷୀଙ୍କ ଆନ୍ଦୋଳନ କହି ତାଚ୍ଛଲ୍ୟ କରିଛି ବିଜେପି । ତିନିଟି ପ୍ରସଙ୍ଗକୁ ନେଇ ବନ୍ଦ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଗଠନ । ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାଁରେ ଫାଇନ୍ ଆଦାୟ ଓ ଟାଟା ପାୱାରର ମନମାନିକୁ ବିରୋଧରେ ହେବ ବନ୍ଦ ପାଳନ । ଏହି ୮ ଘଣ୍ଟିଆ ବନ୍ଦ ପାଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛି ଏହି ଚାଷୀ ସଂଗଠନ । ଏଥିପାଇଁ ଦୁଇ ଦିନ ହେବ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର ଓ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଇଛି । ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ପାଳନକୁ ସମର୍ଥନ ଜଣାଇଛି କଂଗ୍ରେସ। ରାଜ୍ୟର ସମସ୍ତ ଜିଲ୍ଲା କଂଗ୍ରେସ କମିଟି ଏହାକୁ ସମର୍ଥନ ଜଣାଇବାକୁ ପିସିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିଜେଡି ମଧ୍ୟ ଏହାକୁ ପରୋକ୍ଷରେ ସମର୍ଥନ ଜଣାଇଛି । ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରାକୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇବା ସହ ଦଳ ଚାଷୀଙ୍କ ସହ ଅଛି, ପିୟୁସିସି ଏବଂ ସ୍ମାର୍ଟ ମିଟର ବିରୋଧରେ ଲଢ଼େଇ ଜାରି ରହିବ ବୋଲି କହିଛି । ସେପଟେ ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦକୁ ନକଲି ଚାଷୀଙ୍କ ଆନ୍ଦୋଳନ ବୋଲି କହି ତାଚ୍ଛଲ୍ୟ କରିଛି ବିଜେପି । ବନ୍ଦ ପାଳନ ବେଳେ ଦୋକାନ ବଜାର ସହ ସ୍କୁଲ କଲେଜ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଛି ନବ ନିର୍ମାଣ କୃଷକ ସଂଠଗନ ।

## ଅପପୁଷ୍ଟିର ଶିକାର ରାଜ୍ୟର ହଜାର ହଜାର ଶିଶୁ : କାରଣ ମାଗିଲା ବିଭାଗ

ଭୁବନେଶ୍ୱର, ୨୭/୧ (ନି.ପ୍ର): ସରକାର ବିକାଶର ଡିଣ୍ଡିମ ପିଟୁଥିବାବେଳେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଦୃଶ୍ୟ ବାସ୍ତବତାକୁ ପଦାରେ ପକାଉଛି । ଆଜି ବି କେମିତି ଶତାଧିକ ଗାଁ ବିକାଶଠାରୁ ବହୁ ଦୂରରେ ରହିଛି ତାହା ସ୍ପଷ୍ଟ ହୋଇଛି । ସାମନାକୁ ଆସିଛି ଆମ ରାଜ୍ୟରେ ଆଜି ବି କେମିତି ଭୋକରେ ଆଉଟୁପାଉଟୁ ହେଉଛନ୍ତି ହଜାର ହଜାର ଲୋକ । ଗ୍ରାଉଣ୍ଡଜିରୋରେ କନକ ନ୍ୟୁଜ୍ ଏହି ଖବରକୁ ବାରମ୍ବାର ଦେଖାଇବା ପରେ ଆଜି ସତ ସ୍ୱୀକାର କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏବଂ ରାଜ୍ୟକୁ ଅପପୁଷ୍ଟି ମୁକ୍ତ କରିବାକୁ ପ୍ରତିବଦ୍ଧ ବୋଲି କହିଛନ୍ତି । ରାଜ୍ୟର ତିନି ଜିଲ୍ଲାର ବିକାଶର ଅସଲ ଚିତ୍ର ଦେଖାଇଥିଲୁ । ଆଜି ବି କେମିତି ମେଂଚାମେଂଚା ଯନ୍ତ୍ରଣାରେ ମଣିଷ ଛଟପଟ ହେଉଛନ୍ତି ସାମନାକୁ ଆଣିଥିଲୁ । ଭୋକ ବିକଳରେ କେଉଁଠି ଗଣ୍ଡାଏ ପଖାଳ, ନହେଲେ ପତ୍ର ଠୋଲାରେ ଚାଉଳ ଭଜା ଆମ ବ୍ୟବସ୍ଥାକୁ ପଦାରେ ପକାଇଥିଲା । କନକ ନ୍ୟୁଜରେ ବାରମ୍ବାର ପ୍ରସାରଣ ହେବା ପରେ ଏହି କଥାକୁ ସ୍ୱୀକାର କରିଛନ୍ତି ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

## ବର୍ଣ୍ଣବୈଷମ୍ୟ ବିବାଦ ଘେରରେ ଏଲନ ମସ୍କ

ନୂଆଦିଲ୍ଲୀ,୨୭/୧ : ସୋସିଆଲ ମିଡିଆ ଏକ୍ସ ପ୍ଲାଟଫର୍ମର ଏଆଇ ସହାୟକ ଗ୍ରୋକ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ କୂଟନୈତିକ ପୋଷ୍ଟକୁ ଭୁଲ୍ ଭାବରେ ଅନୁବାଦ କରିଛି। ଏହା ଯୋଗୁ ସଦିଚ୍ଛାର ଏକ ବାର୍ତ୍ତାକୁ ନେଇ ମାଳଦ୍ୱୀପ ସହ ନୂଆ ବିବାଦ ଆରମ୍ଭ ହୋଇଛି। ୟୁଜରମାନେ ଦେଖିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୋଷ୍ଟର ଗ୍ରୋକ୍ ଭୁଲ୍ ଅନୁବାଦ କରିଛି। ଏହା ଧିଭେହି ଭାଷାରେ ଲେଖାଯାଇଥିଲା ଓ ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରଧାନମନ୍ତ୍ରୀ ପ୍ରକୃତରେ ଯାହା କହିଥିଲେ ତାହା ସହିତ ଅନୁବାଦର ସମାନତା ନଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପ୍ରକୃତ ପୋଷ୍ଟରେ କହିଛନ୍ତି, ଭାରତର ୭୭ତମ ଗଣତନ୍ତ୍ର ଦିବସ ଅବସରରେ ମୁଁ ଆପଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଆମେ ଉଭୟ ଦେଶର ଲୋକଙ୍କ ହିତ ପାଇଁ ଏକାଠି କାମ କରିବା। ମାଳଦ୍ୱୀପର ସମସ୍ତ ଲୋକଙ୍କ ଭବିଷ୍ୟତ ସମୃଦ୍ଧି ଓ ଖୁସିରେ ପରିପୂର୍ଣ୍ଣ ହେଉ ବୋଲି ମୁଁ କାମନା କରୁଛି। ବାର୍ତ୍ତା ଏକ କ



କୂଟନୈତିକ ଆଦାନପ୍ରଦାନ ଥିଲା। ଯାହା ଭାରତ ଓ ମାଳଦ୍ୱୀପ ମଧ୍ୟରେ ସହଯୋଗ ତଥା ସଦ୍ଭାବନା ପାଇଁ ଉଦ୍ଦିଷ୍ଟ ଥିଲା। ଗ୍ରୋକ୍ ଅନୁବାଦରେ ଦର୍ଶାଯାଇଥିଲା, ସୁକୁରିଆ, ରାୟିଥୁନ୍ ମଜଲିସ୍। ଭାରତର ୭୭ତମ ସ୍ୱାଧୀନତା ଦିବସ ପାଳନ ମାଳଦ୍ୱୀପରେ ଅନୁଷ୍ଠିତ ହୋଇଥିଲା। ମାଳଦ୍ୱୀପ ସରକାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ସୁକୁରିଆ ସରକାର ଲୋକଙ୍କ ଭାରତ ବିରୋଧୀ ଅଭିଯାନରେ ମଧ୍ୟ ସାମିଲ ହୋଇଛି। ଦୁଇଟି ଭାରତ ବିରୋଧୀ ଅଭିଯାନରେ ମଧ୍ୟ, ସେମାନେ ବିରୋଧ ପ୍ରଦର୍ଶନର ସର୍ବୋଚ୍ଚ ସ୍ଥାନରେ ଅଛନ୍ତି। ଭାରତ-ମାଳଦ୍ୱୀପ ସମ୍ପର୍କରେ ସାମ୍ପ୍ରତିକ ସମୟରେ ଉତ୍ତେଜନା ଦେଖାଦେଇଛି। ଭୁଲ୍ ଓ ଉତ୍ତେଜକ ଅନୁବାଦକୁ ସମ୍ପର୍କକୁ ସମ୍ବେଦନଶୀଳ କରିଛି। ଯଦିଓ ଲେଖାଟି ଭାରତ ସରକାରଙ୍କ ଦ୍ୱାରା ନୁହେଁ ବରଂ ଏଆଇ ଦ୍ୱାରା ସୃଷ୍ଟି କରାଯାଇଛି। ଗ୍ରୋକ୍ ଆଉଟପୁଟର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ଭୁଲ୍ ସୂଚନା ଓ ସାଧାରଣ ଧାରଣା ଉପରେ ଏଆଇର ସମ୍ଭାବ୍ୟ ପ୍ରଭାବ ବିଷୟରେ ଚିନ୍ତା ସୃଷ୍ଟି କରିଛି। ବହୁ ୟୁଜର ଦର୍ଶାଇଛନ୍ତି ଯେ, ଏକ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସ୍ଥାପିତ ଏଆଇ ସହାୟକ ଏପରି ବିଷୟବସ୍ତୁ ପ୍ରଦର୍ଶନ କରିବା ଦ୍ୱାରା ପାଠକମାନେ ସହଜରେ ଭ୍ରମିତ ହେବାର ଆଶଙ୍କା ରହିଛି। ଭାରତରେ ଗ୍ରୋକ୍ ସମସ୍ୟା ଏହା ପ୍ରଥମ ଥର ନୁହେଁ। ପୂର୍ବରୁ ବିବାଦୀୟ ଏଆଇ ଚିତ୍ର ଓ ବିଷୟବସ୍ତୁର ସୃଷ୍ଟି ତଥା ପ୍ରସାରଣ ନେଇ ଭାରତ ସରକାର ଏଆଇକୁ ସମାଲୋଚନା କରିଥିଲେ। ଏହି ଘଟଣା ପୁଣି ଥରେ ଅନୁବାଦ ଭଳି ସମ୍ବେଦନଶୀଳ କାର୍ଯ୍ୟ ପାଇଁ, ବିଶେଷକରି କୂଟନୈତିକ ଓ ରାଜନୈତିକ ପ୍ରସଙ୍ଗରେ ଏଆଇ ଉପରେ ନିର୍ଭର କରିବାକୁ ନେଇ ଆଶଙ୍କା ସୃଷ୍ଟି କରିଛି।

## ଶୀର୍ଷରେ ଇରାନ-ଆମେରିକା ଉତ୍ତେଜନା: ଯେକୌଣସି ସମୟରେ ହୋଇପାରେ ଯୁଦ୍ଧ

ନୂଆଦିଲ୍ଲୀ,୨୭/୧ : ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧର ବାଦଲ । ମୁହାଁମୁହିଁ ଆମେରିକା ଓ ଇରାନ । ସମୁଦ୍ରରେ ଶକ୍ତି ପ୍ରଦର୍ଶନ କରୁଛି ଆମେରିକୀୟ 'ଆର୍ମାଡା' । ମଧ୍ୟ-ପ୍ରାଚ୍ୟରେ ପୁଣି ଥରେ ରକ୍ତାକ୍ତ ସଂଘର୍ଷର ଆଶଙ୍କା ଦେଖାଦେଇଛି । ଆମେରିକା ନିଜର ବିଶାଳ ପରମାଣୁ ଶକ୍ତି ସମ୍ପନ୍ନ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ? ଅବ୍ରାହମ୍ ଲିଙ୍କନ୍ କୁ ଏହି ଅଞ୍ଚଳରେ ମୁତୟନ କରିବା ପରେ ଇରାନ ସହ ତିକ୍ତତା ଶୀର୍ଷରେ ପହଞ୍ଚିଛି । ଇରାନରେ ଚାଲିଥିବା ସରକାର ବିରୋଧୀ ଆନ୍ଦୋଳନ ଏବଂ ବିକ୍ଷୋଭକାରୀଙ୍କ ଉପରେ ହେଉଥିବା ଦମନଲୀଳାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି । ଆମେରିକା ସ୍ପଷ୍ଟ କରିଛି ଯେ ଯଦି ଇରାନ ଶାନ୍ତିପୂର୍ଣ୍ଣ ବିକ୍ଷୋଭକାରୀଙ୍କୁ ହତ୍ୟା କରେ କିମ୍ବା ଗଣ-ଫାଶୀ ଦିଏ, ତେବେ ୱାଶିଂଟନ୍ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଇବ ନାହିଁ। ଅନ୍ୟପଟେ ଇରାନ ମଧ୍ୟ ପଛକୁ ହଟିବା ମୁଡ୍‌ରେ ନାହିଁ। ଇରାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି , ଆମେରିକାର ଯେକୌଣସି ଆକ୍ରମଣର ଏକ 'ଭୟଙ୍କର ଓ ଶକ୍ତିଶାଳୀ' ଜବାବ ଦିଆଯିବ । ତେହେରାନର ରାଜପଥରେ ଆମେରିକୀୟ ଯୁଦ୍ଧ ଜାହାଜକୁ ଧ୍ୱଂସ କରାଯାଉଥିବାର ବଡ଼ ବଡ଼ ବ୍ୟାନର ଲଗାଇ ଇରାନ ନିଜର ଯୁଦ୍ଧ ପ୍ରସ୍ତୁତିର ସଙ୍କେତ ଦେଇଛି । ୟୁଏସ୍‌ଏସ୍ ଅବ୍ରାହମ୍ ଲିଙ୍କନ୍ ଏବଂ ୩ଟି ଗାଇଡେଡ୍ ମିସାଇଲ୍ ଧ୍ୱଂସକାରୀ ଜାହାଜ ଏବେ ମଧ୍ୟ-ପ୍ରାଚ୍ୟ ଅଞ୍ଚଳରେ ମୁତୟନ । ଇରାନରେ ପ୍ରାୟ ୩୬,୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରି ଟ୍ରମ୍ପ ପ୍ରତିଶୋଧର ଧମକ ଦେଇଛନ୍ତି । ଆମେରିକାର ଏହି ପଦକ୍ଷେପକୁ ଇରାନ 'ମାନସିକ ଯୁଦ୍ଧ' ବୋଲି କହିଛି। କେବଳ ସମୁଦ୍ର ନୁହେଁ, ବରଂ ଆକାଶମାର୍ଗରୁ ଆକ୍ରମଣ ପାଇଁ ଆମେରିକା F-35C ଏବଂ F-15E ଷ୍ଟ୍ରାଇକ୍ ଇଗଲ୍ସ ଭଳି ଅତ୍ୟାଧୁନିକ ଯୁଦ୍ଧ ବିମାନ ମୁତୟନ ହୋଇଛି ।



# ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଗରିମାମୟ ଭାବେ ପାଳିତ



ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ପୋଲିସ ପ୍ୟାରେଡ୍ ପଡିଆ ଠାରେ ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଗରିମାମୟ ଭାବେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟମନ୍ତ୍ରୀ (ସ୍ୱାଧୀନ) ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ସଲାମୀ ଗ୍ରହଣ କରିଥିଲେ । ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତ୍ୟୁହ ଦିବାକର, ଡିଆଇଜି ଶ୍ରୀଯୁକ୍ତ ପିନାକୀ ମିଶ୍ର ,ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟଙ୍କ ସହ ପ୍ରମୁଖ ଅଧିକାରୀ ବୃନ୍ଦ ଏବଂ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ଭୋର ସକାଳ ୪ ଘଟିକା ସମୟରେ ସହର ସାରା ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯାଇଥିଲା । ପରେ ଜିଲ୍ଲାପାଳଙ୍କ ଆବାସ, କାର୍ଯ୍ୟାଳୟ ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ରେ ପତାକା ଉତ୍ତୋଳନ ଓ ସାମ୍ବାଦିକ ପ୍ରକୋଷ୍ଠରେ ଜିଲ୍ଲାପାଳ ମହୋଦୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପୋଲିସ ରିଜର୍ଭ ପଡିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ପ୍ୟାରେଡ୍, ପ୍ରଜ୍ଞାପନ ମେଢ଼, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୋଲିସ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କର ମୋଟ ୫୪ଟି କଣ୍ଟିଜେଣ୍ଟ ପ୍ୟାରେଡରେ ଭାଗ ନେଇଥିଲେ । ୫ଟି ପ୍ରଜ୍ଞାପନ ମେଢ଼ ଓ ୫ଟି ସାଂସ୍କୃତିକ ଦଳ ସହ ମହାବୀର ଆଖଡ଼ା ସଂଘ ଅଂଶଗ୍ରହଣ କରିଥିଲେ । ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ମାନପତ୍ର ପ୍ରଦାନ ସହ ପ୍ୟାରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜୟୀ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ମନ୍ତ୍ରୀ ମହୋଦୟ ଓ ଜିଲ୍ଲାପାଳ ପ୍ରମୁଖ ରୋଟାରୀ କ୍ଲବର ପୁଷ୍ପମେଳା, ରକ୍ତଦାନ ଶିବିର ପରିଦର୍ଶନ କରି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଅପରାହ୍ନରେ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନରେ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇ ଚିତ୍ରାଙ୍କନ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ: ଛାତ୍ରୀ ଛାତ୍ରୀଙ୍କ ନୃତ୍ୟକଳା ସର୍ଭିଙ୍କ ମନ ମୋହିଲା




ବାଲିଆପାଳ , ୨୭/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅକ୍ସଫୋର୍ଡ ରିଜିଓନାଲ ଇଂଲିଶ ମିଡିୟମ ସ୍କୁଲର ୧୨ ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମ ପ୍ରାରମ୍ଭରେ ଛାତ୍ରୀ ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ କଳା ସର୍ଭିଙ୍କ ମନ ମୋହିଥିଲା ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ନାଥ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସିଆରସିସି ଅଶୋକ କୁମାର ଗିରି, ସମ୍ମାନୀତ ଅତିଥି ଭାବରେ ସିମୁଳିଆ କ୍ଲଷ୍ଟର ସିଆରସିସି ଯଶୋବନ୍ତ ଜେନା, ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଷ କିଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ସ୍କୁଲ ପରିଚାଳନା ପରିଚାଳନା କ କମିଟି ସଦସ୍ୟ ପ୍ରଶାନ୍ତ କୁମାର ରାଉତ ଅତିଥି ପରିଚୟ ଓ ଏକାଡେମିକ ଡାଇରେକ୍ଟର ବ୍ରହ୍ମପ୍ରକାଶ ନାଥ । ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ରାଜେଶ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସାଗର କୁମାର ପଟ୍ଟନାୟକ ଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଗଣ୍ଡିବେଡ ହାଇସ୍କୁଲର ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଖଇରା,୨୭।୧ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷୀକ ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି ।ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସ,ସରପଞ୍ଚ ବନିତା ପ୍ରଧାନ,ସିଆରସିସି ଉଦୟଭାନୁ ପତି ଓ ଏସଏମସି ସଭାପତି ଗଗନ ବିହାରୀ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଅଭିଭାବକ ମାନେ ସେମାନଙ୍କ ପିଲା ମାନଙ୍କୁ ମାନସିକ ଚାପରୁ ଦୁରେଇ ରଖିବାକୁ ପରାମର୍ଶ ଦେଇଥିଲେ । କଳାଶିକ୍ଷକ ଗୌତମ ବେହେରା ବାର୍ଷିକ ବିବରଣୀ ପାଠ ଓ ସହାକରୀ ଶିକ୍ଷୟତ୍ରୀ ଶିକ୍ଷକ ଚିନ୍ମୟୀ ଦେବସ୍ମିତା ପାଣିଗ୍ରାହୀ,ଅନୁରାଧା ରାଉଳ,ଲକ୍ଷ୍ମୀମଣି ଜେନା,ଇତିଶ୍ରୀ ମିଶ୍ର, ମମତାମୟୀ ମହାପାତ୍ର, ବିଜୟ କୁମାର ସେଠୀ, ହେମନ୍ତ ସେନାପତି, ନିରଞ୍ଜନ ବେହେରା ଓ ନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟ ର ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ବିଧାୟକ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସତ୍ୟନିଷ୍ଠା: ରୋଗୀଙ୍କ ମୂଲ୍ୟବାନ ସାମଗ୍ରୀ ପୋଲିସ୍‌କୁ ହସ୍ତାନ୍ତର



ଭୁବନେଶ୍ୱର, ୨୭/୧ (ନି.ପ୍ର): ଗତକାଲି ସନ୍ଧ୍ୟା ପ୍ରାୟ ୦୮:୪୫ ମିନିଟ ସମୟରେ ୧୦୮ ଆମ୍ବୁଲାନ୍ସ ସେବା ଅଧୀନରେ ଦୁର୍ଘଟଣାରେ ଆହତ ଜଣେ ୬୧ ବର୍ଷୀୟ ଶ୍ରୀ ଓଁଠଜ ନାଗେଶ୍ୱର ରାଓଙ୍କୁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପାର୍କ ନିକଟସ୍ଥ ଗୌତମ ସିନେମା ହଲ୍ ସାମ୍ନାରୁ ଉଦ୍ଧାର କରାଯାଇ ଗକଉଏ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରକୁ ସୁରକ୍ଷିତ ଭାବେ ପହଞ୍ଚାଇ ଦିଆଯାଇଥିଲା। ସେବା ସମୟରେ ରୋଗୀଙ୍କ ନିକଟରୁ ମିଳିଥିବା ନଗଦ ଟଙ୍କା, ଗୋଟିଏ ମନି ପର୍ସ, ଗୋଟିଏ ସୁନା ଚେନ୍ ଓ ଦୁଇଟି ସୁନା ମୁଦି ମିଳିଥିଲା। ଆମ୍ବୁଲାନ୍ସ କର୍ମଚାରୀଙ୍କ ସତ୍ୟନିଷ୍ଠା ଓ ଦାୟିତ୍ୱବୋଧର ପରିଚୟ ସ୍ୱରୂପ ଏହି ସମସ୍ତ ମୂଲ୍ୟବାନ ସାମଗ୍ରୀକୁ ଗକଉଏ ହସ୍ପିଟାଲ ଆଉଟ୍ ପୋଷ୍ଟ ପୋଲିସ୍ କର୍ମଚାରୀଙ୍କ ନିକଟରେ ସୁଚିତ ଭାବେ ହସ୍ତାନ୍ତର କରାଯାଇଥିଲା। ଏହି ସେବାରେ ଇ.ଏମ.ଟି ଅମିତ କୁମାର ପାତ୍ର, ଡ୍ରାଇଭର କୃପାସିନ୍ଧୁ ଦାଶ ଏବଂ ହେଲ୍ପର ଅଶୋକ କୁମାର ରାଉଳ ନିୟୋଜିତ ଥିଲେ। ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏହି ମାନବିକ ଓ ସତ୍ୟନିଷ୍ଠ କାର୍ଯ୍ୟ ସମାଜର ସମସ୍ତ ମହଲରୁ ପ୍ରଶଂସା ଲାଭ କରିଛି ଏବଂ ଆପାତକାଳୀନ ସେବା କର୍ମଚାରୀମାନଙ୍କ ଉଚ୍ଚ ନୈତିକ ମୂଲ୍ୟବୋଧକୁ ପ୍ରତିବିମ୍ବିତ କରିଛି ।

# ଓଡିଶା କୃଷକ ସଭା ପକ୍ଷରୁ କାଁପଡାରେ ଜାତୀୟ ପତାକା ଉତ୍ତୋଳନ ଓ ସାଧାରଣ ସଭା ଅନୁଷ୍ଠିତ



ଭଦ୍ରକ, ୨୭/୧ (ନି.ପ୍ର): ଆମ ଦେଶର ଏକତା, ଭାଇଚାରା, ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ଦାବି କରି ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଓଡିଶା କୃଷକ ସଭା ପକ୍ଷରୁ କାଁପଡା ଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଓଡିଶା କୃଷକ ସଭା ତିହିଡି ବ୍ଲକ ସଭାପତି ଭାଗବତ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସାଧାରଣ ସଭାରେ ସଂଗଠନର ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ଯୋଗଦେଇ କେନ୍ଦ୍ର ସରକାର ଗ୍ରହଣ କରୁଥିବା ସମ୍ବିଧାନ ବିରୋଧୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିବା ସହ ଭାରତର ନିର୍ବାଚନ କମିଶନରଙ୍କୁ ହାତବାରିସି କରି ଭାରତର ଗଣତନ୍ତ୍ର କୁ ଧ୍ୱଂସ କରିବାର ଚକ୍ରାନ୍ତ ବିରୋଧରେ ସାଧାରଣ ଚାଷୀ ମୂଲିଆ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ । ଭାରତର ଆଜାଦୀ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ମହାନ କ୍ରାନ୍ତିକାରୀ ସହୀଦ ଭଗତ୍ ସିଂ, ସହୀଦ୍ ଶୁଖଦେବ, ସହୀଦ୍ ରାଜଗୁରୁ, ବିପ୍ଲବୀ ଚନ୍ଦ୍ରଶେଖର ଆଜାଦ୍, ବିପ୍ଲବୀ ଉଦ୍ଧାମ ସିଂହ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ବିପ୍ଲବୀ ସୂର୍ଯ୍ୟସେନ୍, ବିପ୍ଲବୀ ବାଘାଜତିନ, ସମ୍ବିଧାନ ପ୍ରଣେତା ଡଃ ବାବା ସାହେବ ଆମ୍ବେଦକର, ଭାରତର ପ୍ରଥମ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦ୍,ଝାନ୍ସୀରାଣୀ ଲକ୍ଷ୍ମୀ ବାଈ, ଉତ୍କଳମଣି ଗୋପବନ୍ଧୁ ଦାସ, ବିପ୍ଲବୀ ଏ କେ ଗୋପାଳନ, ବିପ୍ଲବୀ ବିଟି ରଣଦିବେ, ବିପ୍ଲବୀ ପ୍ରମୋଦ ଦାସଗୁପ୍ତା, ବିପ୍ଲବୀ ହରକିଶନ୍ ସିଂ ସୁରଜିତ୍, ବିପ୍ଲବୀ ଇଏମ୍ଏସ୍ ନମ୍ବୁଦ୍ରିପଦ, ବିପ୍ଲବୀ ପି ସୁନ୍ଦରାୟା, ବିପ୍ଲବୀ ପି ରାମମୂର୍ତ୍ତି, ବିପ୍ଲବୀ ଜ୍ୟୋତି ବସୁ, ବିପ୍ଲବୀ ଭଗବତୀ ଚରଣ ପାଣିଗ୍ରାହୀ, ବିପ୍ଲବୀ ଗଙ୍ଗାଧର ପାଇକରାୟ, ବିପ୍ଲବୀ ପ୍ରାଣନାଥ ପଟ୍ଟନାୟକ, ବିପ୍ଲବୀ ଅବନୀ ମୁଖାର୍ଜୀ, ବିପ୍ଲବୀ ରୋଜା ଫିଟିଂଅଫ୍, ବିପ୍ଲବୀ ହସରତ ମୋହାନି, ବିପ୍ଲବୀ ଏନ୍ ଟିପି ଆଚାର୍ଯ୍ୟା, ବିପ୍ଲବୀ ବାଜି ରାଉତ, ବିପ୍ଲବୀ ରଘୁ ଦିବାକର ଙ୍କ ସମେତ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ, ଇରମ ଗୁଳିକାଣ୍ଡ, ସହୀଦନଗର ଗୁଳିକାଣ୍ଡ, ନୀଳଗିରି ଗଡଜାତ ମିଶ୍ରଣ ଆନ୍ଦୋଳନ, ରଣପୁର ପ୍ରଜା ଆନ୍ଦୋଳନ, ଢେଙ୍କାନାଳ ପ୍ରଜାଆନ୍ଦୋଳନ, ତେଭାଗା ଚାଷୀ ଆନ୍ଦୋଳନ, ଐତିହାସିକ ତେଲେଙ୍ଗାନା କୃଷକ ବିଦ୍ରୋହ, ମିରଟ ଷଡଯନ୍ତ୍ର ମାମଲା, କାନପୁର ଷଡଯନ୍ତ୍ର ମାମଲା, ପେଶୱାର ଷଡଯନ୍ତ୍ର ମାମଲା ଆଦି ସଂପର୍କରେ ଆଲୋଚନା କରିବା ସହ ଆମ ଦେଶରେ ବର୍ତ୍ତମାନ ବୃଦ୍ଧି ପାଉଥିବା ସାଂପ୍ରଦାୟିକ ଭିଡ ହିଂସା ଓ ଭିଡହତ୍ୟା ବଂଦ କରିବା ପାଇଁ ଏହି ସଭା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲେ । ଏହି ସମାରୋହରେ ଓଡିଶା କୃଷକ ସଭା ତିହିଡି ବ୍ଲକ ସଂପାଦକ ଜ୍ୟୋତିର୍ମୟ ମଲିକ, ବରିଷ୍ଠ କୃଷକ ନେତା କୃଷ୍ଣଚନ୍ଦ୍ର ମଲିକ, ବିଜୟ ଦାସ, ଯୁବନେତା ବିଭିଷଣ ଦାସ, ଚାଷୀ ନେତା ବାବୁରାମ ମଲ୍ଲିକ, କୈଳାସ ଦାସ, ତଉଲି ଦାସ, ସଞ୍ଜୟ କୁମାର ଦାସ, ପିତାମ୍ବର ମଲିକ୍, ମଙ୍ଗଳି ମଲିକ୍, ଧ୍ରୁବ ଚରଣ ଦାସ, ରତିକାନ୍ତ ମଲିକ୍,ରାକେଶ ମଲିକ୍, ରାମକୃଷ୍ଣ ଦାସ, ମଦନ ମଲିକ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ସାଧାରଣତନ୍ତ୍ର ର ସୁରକ୍ଷା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସାଧାରଣ ସଭାରେ ଶତାଧିକ ଚାଷୀ, ଭାଗଚାଷୀ ଓ କ୍ଷେତମଜଦୂର ଯୋଗଦେଇଥିଲେ ।

# ପୂର୍ବତଟ ରେଳପଥରେ ୩ଟି ଟ୍ରେନ୍‌ର ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୨୭/୧ (ନି.ପ୍ର): ପୂର୍ବତଟ ରେଳପଥ ତୁରନ୍ତ ପ୍ରଭାବରେ ଖୋର୍ଦ୍ଧା ରୋଡ୍ ଏବଂ ଭଦ୍ରକ ଷ୍ଟେସନ୍ ରେ ତିନୋଟି ଟ୍ରେନ୍ ର ସମୟସୂଚୀରେ ସଂଶୋଧନ କରିଛି। ଟ୍ରେନ୍ ନମ୍ବର ୧୮୧୧୮ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ୍ ଷ୍ଟେସନ୍ ରେ: ବିଦ୍ୟମାନ ସମୟ: ଆଗମନ ୨୦:୫୮ ଘଣ୍ଟା / ପ୍ରସ୍ଥାନ ୨୧:୦୦ ଘଣ୍ଟା ସଂଶୋଧିତ ସମୟ: ଆଗମନ ୨୧:୨୦ ଘଣ୍ଟା / ପ୍ରସ୍ଥାନ ୨୧:୪୦ ଘଣ୍ଟା। ଟ୍ରେନ୍ ନମ୍ବର ୧୨୨୫୩ ଏସ୍. ଏମ୍. ଭି. ଟି. ବେଙ୍ଗାଲୁରୁ-ଭାଗଲପୁର ସାପ୍ତାହିକ ଏକ୍ସପ୍ରେସ୍ କୁ ଭଦ୍ରକ ଷ୍ଟେସନ୍ ରେ ଏକ ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି, ଯାହା ୧୮:୧୬ ଘଣ୍ଟାରେ ଆଗମନ ଏବଂ ୧୮:୧୮ ଘଂଟାରେ ପ୍ରସ୍ଥାନ କରିବ। ଟ୍ରେନ ନମ୍ବର ୨୨୮୫୬ ତିରୁପତି-ସାନ୍ତ୍ରାଗାଛି ସାପ୍ତାହିକ ଏକ୍ସପ୍ରେସ ଭଦ୍ରକ ଷ୍ଟେସନରେ ବିଦ୍ୟମାନ ସମୟ: ଆଗମନ ୧୮:୨୬ ଘଣ୍ଟା / ପ୍ରସ୍ଥାନ ୧୮:୨୮ ଘଣ୍ଟା ସଂଶୋଧିତ ସମୟ: ଆଗମନ ୧୮:୧୬ ଘଣ୍ଟା / ପ୍ରସ୍ଥାନ ୧୮:୧୮ ଘଣ୍ଟା। ଏହି ଟ୍ରେନଗୁଡିକର ଅନ୍ୟ ସମସ୍ତ ଷ୍ଟେସନ ଗୁଡିକରେ ଚଳାଚଳ ସମୟ ଅପରିବର୍ତ୍ତିତ ରହିବ। ଯାତ୍ରୀମାନଙ୍କୁ ସଂଶୋଧିତ ସମୟ ଉପରେ ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

# ମା’ଭଦ୍ରକାଳୀ ମ୍ୟୁଜିକ୍ ଆଣ୍ଡ ଆର୍ଟ ସ୍କୁଲର ବାର୍ଷିକ ଉତ୍ସବ ପାଳନ



ଭଦ୍ରକ, ୨୭/୧ (ନି.ପ୍ର): ଭଦ୍ରକ ନିକଟସ୍ଥ ବେଲଦା ଗ୍ରାମ ଠାରେ ମା’ ଭଦ୍ରକାଳୀ ମ୍ୟୁଜିକ ଆଣ୍ଡ ଆର୍ଟ ସ୍କୁଲର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ଅଧିବକ୍ତା କିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଛି। ଏହି ଅବସରରେ ପ୍ରାକ୍ତନ ଅଧକ ତଥା ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି, ବିଶିଷ୍ଟ ମଞ୍ଚ ସଂଯୋଜକ ମନୋଜ ପଣ୍ଡା ମୁଖ୍ୟ ବକ୍ତା, ହିନ୍ଦୁ ସୁରକ୍ଷା ସମିତିର ଜିଲ୍ଲା ସଭାପତି ବିଦ୍ୟାଧର ସାହୁ, ବରେଣ୍ୟ ଅତିଥି ,ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ତ୍ରୀପାଠୀ ଯୋଗ ଦେଇଥିଲେ। ସମ୍ପାଦକ ଚକ୍ରଧର ଯେନା ସମ୍ପାଦକୀୟ ବିବରଣି ପାଠ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପରେ ନାଟ୍ୟାଚାର ଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ଅତିଥିମାନେ ଚକ୍ରଧର ଯେନାଙ୍କ ଗୁରୁ ଭକ୍ତିର ପରାକାଷ୍ଠା ଓ ନାଟ୍ୟାଚାର୍ଯ୍ୟଙ୍କ ଓଡିଆ ଯାତ୍ରା ଜଗତ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପୂଜ୍ୟପୂଜା ର ଏହି କାର୍ଯ୍ୟକ୍ରମରେ ନାଟ୍ୟାଚାର ଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କର, ମଞ୍ଚ କଳାକାର ଚିରଞ୍ଜିବୀ ବିଶ୍ୱାସ, ସତ୍ୟବ୍ରତ ତ୍ରୀପାଠୀ, ସହଦେବ ସାହୁ, ମାନସ କୁମାର ପଣ୍ଡା, ଶତ୍ରୁଘନ ବେଦାନ୍ତ, ଶରତ ସୁତାର ଆଦି ସମାଜର ବିଭିନ୍ନ ବର୍ଗରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପ୍ରାକ୍ତନ ଶିକ୍ଷକ ସବୋଧ ଯେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ନୃତ୍ୟ ପରବେଷଣ କରିଥିଲେ। ଅଶୋକ ଯେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରୀ ନାଁରେ ଚଳଚ୍ଚିତ୍ରକୁ ବନ୍ଦ କରିବା ପାଇଁ ବାପାଙ୍କ ଦାବି

ଭୁବନେଶ୍ୱର, ୨୭/୧ (ନି.ପ୍ର): ପରୀ ନାଁ ରେ ହେଉଥିବା ଚଳଚ୍ଚିତ୍ରକୁ ବନ୍ଦ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ଭେଟି ଦାବି ପତ୍ର ଦେଇଛନ୍ତି ବାପା ଅଶୋକ ସାହୁ। ସେହିପରି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମଧ୍ୟ ଭେଟି ଏସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ ଉକ୍ତ ଚଳଚ୍ଚିତ୍ରକୁ ବନ୍ଦ କରିବା ପାଇଁ ଦାବି ଜଣାଇଛନ୍ତି। ପ୍ରତିକ୍ରିୟାରେ କହିଛନ୍ତି ପରୀକୁ ନେଇ ନିର୍ମାଣ ହେଉଥିବା ଚଳଚ୍ଚିତ୍ର ତାଙ୍କ ବିନା ଅନୁମତିରେ କରାଯାଉଥିବା ବେଳେ ଘଟଣାକୁ ଭୁଲ ଭାବେ ଉପସ୍ଥାପନା କରାଯାଉଛି । ଚଳଚ୍ଚିତ୍ରରେ ପରୀ ଦୁଷ୍କର୍ମ ଓ ହତ୍ୟା କରାଯାଇଛି ବୋଲି ଦର୍ଶା ଯାଉଥିବା ଅଭିଯୋଗ ଆଣିଛନ୍ତି ପରି ବାପା ଅଶୋକ ସାହୁ। ସେ କହିଛନ୍ତି ପରୀକୁ ଅଙ୍ଗ ତସ୍କରି ପାଇଁ ହତ୍ୟା କରାଯାଇଥିଲା କିନ୍ତୁ ଚଳଚ୍ଚିତ୍ରରେ ଦୁଷ୍କର୍ମ କରାଯାଇଛି ବୋଲି ଦର୍ଶା ଯାଇଛି ।

# ଭାବଗ୍ରାହୀ ପାଠାଗାରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ




ଭଦ୍ରକ, ୨୭/୧ (ନି.ପ୍ର): ବାଇପାସ୍ ସନ୍ନିକଟ ସୁକୁମାରୀ ଭବନ ପରିସରରେ କନିକା ପ୍ରଜା ଭାବଗ୍ରାହୀ ପାଠାଗାର ଆନୁକୁଲ୍ୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଭଦ୍ରକର ବିଶିଷ୍ଟ କଥାକାର, ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରି ଭାରତ ବର୍ଷରେ ସମ୍ବିଧାନ ଓ ମୁକ୍ତି ସଂଗ୍ରାମର ଗାରିମା ଓ ଗୌରବମୟ ଗାଥାକୁ ସ୍ମରଣ କରିଥିଲେ। ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପରେ ପାଠାଗାରର ବରିଷ୍ଠ ସଭ୍ୟ ତଥା ଆଇନଜୀବୀ ଅଗଣୀ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାଧିନ ଭାରତର ଅର୍ଥନୈତିକ ଅବସ୍ଥା, ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ସୃଷ୍ଟି ହୋଇଥିବା ବିପଦ ସଙ୍କ୍ରାନ୍ତରେ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନେ ଆଲୋଚନା କରି ମତ ପ୍ରକାଶ କରିଥିଲେକି ଯେ, ସରକାରଙ୍କ ଭୁଲ୍ ନୀତି ଯୋଗୁଁ ଦେଶରେ ଗରିବୀ ବଢିଛି। ବେକାରୀ ଯୁବକ ଜୀବିକା ନପାଇ ନଷ୍ଟ ରାସ୍ତାରେ ଗତି କରୁଛି। ପୁଞ୍ଜିପତି ମାନଙ୍କ ସମ୍ପତି ଶହ ଶହ ଗୁଣ ବଢିଚାଲିଛି ସତ ଖଟିଖିଆ କୃଷକ ଶ୍ରମିକ ମଜଦୂର ମାନଙ୍କର ଅବସ୍ଥା ରସାତଳ ଗାମୀ ହୋଇଛି। ତେଣୁ ଏହି ସାଧାରଣ ତନ୍ତ୍ର ଦିବସରେ ସରକାର ସଚେତନ ହୋଇ ଜନଗଣଙ୍କ ମଙ୍ଗଳ ପାଇଁ ନୀତି ଗ୍ରହଣ କରିବା ଆବଶ୍ୟକ। ନହେଲେ ସମୟ ଆସିବ ଜନଗଣ ସରକାରର ପତନ ଆଣିବେ ।ଏହି ସଭାରେ ମୂଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ବରେଣ୍ୟ ଅତିଥି ଡକ୍ଟର କ୍ଷୀରୋଦ ସାମଲ୍, ସମ୍ମାନନୀୟ ଅତିଥି ସଂଗ୍ରାମ କିଶୋର ମହାନ୍ତି ଡକ୍ଟର ପ୍ରଫୁଲ୍ଲ ସାହୁ ପ୍ରାଧାପକ ସୁକାନ୍ତି ମହାପାତ୍ର ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଯୁବ ଆଇନଜୀବୀ ବିନୋଦ ସାହୁ, ଭଦ୍ରକ ଓକିଲ ସଂଘର ଉପସଭାପତି ଅଶୋକ ନାୟକ, ତିହିଡି ମହାବାଦ୍ୟାଳୟର ଅଧ୍ୟାପିକା ଉଷା ଜେନା, ପାଠାଗାରର କୋଷାଧ୍ୟକ୍ଷ ଚିତ୍ରଭାନୁ ଦାସ ଓ ବୈକୁଣ୍ଠନାଥ ଓଝା ଆଦି ସାଧାରଣତନ୍ତ୍ର ଦିବସ ସଙ୍କ୍ରାନ୍ତରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଡଭୋକେଟ୍ ବିଜନ କୁମାର ଜେନା,ସୋମଭ୍ ଦେ, କ୍ଷେତ ମଜଦୂର ୟୁନିଅନର ନେତା ପ୍ରଫୁଲ୍ଲ ପାଢ଼ୀ, ଅଧିବକ୍ତା ଅପସରା ବେଗମ,ପ୍ରୀୟଦର୍ଶନୀ ସାହୁ, ଅତୟେବ ମହମ୍ମଦ,ବିଜୟ ରାଉତ, ଆଇନଜୀବୀ ଲକ୍ଷ୍ମଣ କର, ଆବୁବକର ସିଦ୍ଦିକି, ଲକ୍ଷ୍ମୀପ୍ରିୟା ବେହେରା ଆଦୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାବଗ୍ରାହୀ ପାଠାଗାରର ଅଧ୍ୟକ୍ଷ ବରିଷ୍ଠ ଆଡଭୋକେଟ୍ ତଥା ସଙ୍ଗଠକ ଗିରିଧାରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ସର୍ଗର ଶିବିରରେ ୯୨ ୟୁନିଟ ରକ୍ତ ସଂଗ୍ରହ

ସମ୍ବଲପୁର, ୨୭/୧ (ନି.ପ୍ର): ସାଧାରଣତନ୍ତ୍ର ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଭବନ ଠାରେ ଏକ ରକ୍ତଦାନ ଶିବିର କୁ ମିଳିତ ଭାବରେ ଉତ୍ସର୍ଗ, କୋଶଲ ବ୍ୟବସାୟୀ ସଂଘ, ଅନାମିକା କ୍ଲବ, ସଣ୍ଡେ ଗ୍ରୁପ, ବସୁନ୍ଧରା କମ୍ୟୁନିଟି ସେଂଟର ଓ ଭୀମଭୋଇ ସାହିତ୍ୟ ସଂସଦ ମିଳିତ ଭାବରେ ଆୟୋଜନ କରାଯାଇଥିଲା। ବୁର୍ଲା ଓ ସମ୍ବଲପୁର ର ରକ୍ତ ଭଣ୍ଡାର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ବୁର୍ଲା ରକ୍ତ ଭଣ୍ଡାର ୫୧ ଓ ସମ୍ବଲପୁର ରକ୍ତ ଭଣ୍ଡାର ପାଇଁ ୪୧ ମିଶାଇ ୯୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୁଶାନ୍ତ କୁମ୍ଭାର ପରିଚାଳନା କରିଥିଲେ।



# ରକ୍ତଚାପରୁ ଦୂର କରେ ସୂର୍ଯ୍ୟଭେଦ ପ୍ରାଣାୟମ୍

ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।

## ଏହି ପ୍ରାଣାୟମ୍ କରିବା ପାଇଁ ପ୍ରଥମେ :

ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ।
ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ।
ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ।
ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ।
ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ।
ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ
ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ
ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ

## ଅବଧି

ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

## ସାବଧାନତା

ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ
୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ
ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍



ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ? ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଏ ଗବେଷଣା ପତ୍ରର ଅନ୍ୟତମ ସହ-ଲେଖକ ଡାକ୍ତର ଜେମ୍‌ସ ଜେ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା। ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି-ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍‌ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ର ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜେ କହିଛନ୍ତି।



# ଏହି ଦେଶକୁ ଯାଆନ୍ତୁ: ସାମାନ୍ୟ କାମ କରି ୫ ବର୍ଷରେ ହୋଇଯିବେ କୋଟିପତି

ଭାରତରେ ବହୁ ସଂଖ୍ୟକ ଲୋକ ବିଦେଶ ଯିବାର ସ୍ୱପ୍ନ ଦେଖନ୍ତି। ଅଧିକାଂଶ ଲୋକ ଆମେରିକା, କାନାଡା କିମ୍ବା ଉପସାଗରୀୟ ଦେଶଗୁଡ଼ିକୁ ଯିବାକୁ ସ୍ୱପ୍ନ ଦେଖୁଥିବା ବେଳେ, ୟୁରୋପ ନିକଟରେ ଏକ ଛୋଟ ଦେଶ ରହିଛି ଯାହାକି ଭାରତୀୟମାନଙ୍କ ପାଇଁ ଏକ ନୂତନ ଏବଂ ଆଶ୍ଚର୍ଯ୍ୟଜନକ ବିକଳ୍ପ ହେବାକୁ ଯାଉଛି।ଏହି ଦେଶ ହେଉଛି ଜିବ୍ରାଲ୍ଟର । ଯାହା ୟୁରୋପର ଦକ୍ଷିଣ ପାର୍ଶ୍ୱରେ ସ୍ପେନ ସୀମାକୁ ଲାଗିକି ରହିଛି। ଆକାରରେ ଛୋଟ ହେଲେ ମଧ, ଏହାର ଅର୍ଥନୀତି ବହୁତ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ଏହାର ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପର୍ଯ୍ୟଟନ, ବ୍ୟାଙ୍କିଂ, ପରିବହନ ଏବଂ ଅନଲାଇନ୍ ଗେମିଂ ଭଳି କ୍ଷେତ୍ରରୁ ଆସିଥାଏ।

ଜିବ୍ରାଲ୍ଟରରେ ଜିବ୍ରାଲ୍ଟର ପାଉଣ୍ଡ ବ୍ୟବହାର କରାଯାଏ, ଯାହାକୁ ଏଓଚ ବୋଲି କୁହାଯାଏ। ଏହାର ମୂଲ୍ୟ ଭାରତୀୟ ଟଙ୍କା ତୁଳନାରେ ଯଥେଷ୍ଟ ଅଧିକ। ଏକ ରିପୋର୍ଟ ଅନୁଯାୟୀ, ଗୋଟିଏ ଜିବ୍ରାଲ୍ଟର ପାଉଣ୍ଡର ମୂଲ୍ୟ ପ୍ରାୟ ୧୨୦ ଟଙ୍କା। ଏହାର ଅର୍ଥ ହେଉଛି ଏଠାରେ ଟଙ୍କା ଭାରତ ତୁଳନାରେ ବହୁତ ଅଧିକ ମୂଲ୍ୟ ରଖେ। ଯଦି ଆପଣଙ୍କର ୨୦୦୦ ଜିବ୍ରାଲ୍ଟର ପାଉଣ୍ଡ ଅଛି, ତେବେ ଏହି ପରିମାଣ ୨୪୧୦୦୦ ଭାରତୀୟ ଟଙ୍କାରୁ ଅଧିକ ହେବ। ବର୍ତ୍ତମାନ, ଯଦି ଏହି ଦରମାକୁ ଦୀର୍ଘ ସମୟ ଧରି ବିଚାର କରାଯାଏ, ତେବେ ସଂଖ୍ୟାଗୁଡ଼ିକ ଆହୁରି ଆଶ୍ଚର୍ଯ୍ୟଜନକ। ୨୦୦୦ ପାଉଣ୍ଡର ମାସିକ ଆୟ ପ୍ରତି ବର୍ଷ ୨୪୦୦୦ ପାଉଣ୍ଡରେ ପହଞ୍ଚିଯାଏ । ଏହି ପରିମାଣ ୫ ବର୍ଷରେ ୨୪୦୦୦୦ ପାଉଣ୍ଡରେ ପହଞ୍ଚିଯାଏ। ଭାରତୀୟ ଟଙ୍କାରେ ପରିଣତ ହେଲେ, ମୋଟ ରୋଜଗାର ପ୍ରାୟ ୧୪.୪ ନିୟୁତ ଟଙ୍କା (୧ କୋଟି ୪୪ ଲକ୍ଷ ୯୨ ହଜାର ଟଙ୍କା) ରେ ପହଞ୍ଚିଥାଏ। ଏହି ହିସାବ କେବଳ ଦରମାକୁ ବିଚାର କରେ; ଯଦି ସଠିକ୍ ଭାବରେ ନିବେଶ କରାଯାଏ, ତେବେ ମୋଟ ସମ୍ପତ୍ତି ବହୁତ ଅଧିକ ହୋଇପାରେ। ଜିବ୍ରାଲ୍ଟରର ଅର୍ଥନୀତି ସେବା କ୍ଷେତ୍ର ଉପରେ ଆଧାରିତ, ତେଣୁ ବୃତ୍ତିଗତ ଦକ୍ଷତାର ଚାହିଦା ଅଧିକ। ବ୍ୟାଙ୍କିଂ, ଆର୍ଥିକ, ବୀମା, ଆଇଟି, ପ୍ରଯୁକ୍ତିବିଦ୍ୟା, ଅନଲାଇନ୍ କାସିନୋ, ହୋଟେଲ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ର ଭାରତୀୟମାନଙ୍କ ପାଇଁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରେ। କାରଣ ଏଠାରେ ଇଂରାଜୀ ବହୁଳ ଭାବରେ ବ୍ୟବହୃତ ହୁଏ, ତେଣୁ ଭାରତୀୟମାନଙ୍କ ପାଇଁ କାମ ଖୋଜିବା ଅପେକ୍ଷାକୃତ ସହଜ ବୋଲି ବିବେଚନା କରାଯାଏ।

# ଚା'ରେ ଚିନି କମାଇବାର ଲାଭ

ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ। ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ।

# ବ୍ରାଇଡାଲ୍ ସ୍କିନ୍ କେୟାର



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି । ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି । ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି।
ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାରୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ।

## ବିବାହ ପୂର୍ବରୁ କିପରି ନେବେ ନିଜ ତ୍ୱଚା ଯତ୍ନ:

### ସବୁଦିନ ମୁହଁ ଧୁଅନ୍ତୁ

ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ । ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ । ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ।

### ହାଲୁକା ସ୍କ୍ରବ କିମ୍ବା ଫେସ ପ୍ୟାକ୍ ଲଗାନ୍ତୁ

ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ । ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ।

### ଥଣ୍ଡା ଟୋନର ଏବଂ ମସାଜ

ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଥାପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ।

### ମଇଶ୍ଚରାଇଜିଂ କରନ୍ତୁ

ଆପଣଙ୍କ ତ୍ୱଚାକୁ ମଇଶ୍ଚରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଶ୍ଚରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଶ୍ଚରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୁର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

### ପ୍ରଚୁର ପାଣି ପିଅନ୍ତୁ

ବିବାହ ଦିନ ବା ଏହାର କିଛି ଦିନ ପୁର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ । ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କଲେ ଆପଣ ଆପଣଙ୍କ ବିବାହ ଦିନ ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖାଯାଇପାରିବେ। ଏହା କେବଳ ଆପଣଙ୍କୁ ଉଜ୍ଜ୍ୱଳ କରିବ ନାହିଁ , ଏହି ଛୋଟ ଛୋଟ ଟିପ୍ସର ଅନୁସରଣ ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ମଧ ବଢିଥାଏ।

# ଆଳୁ ଉତ୍ତପମ୍



ପ୍ରବଳ ଥଣ୍ଡା ପଡ଼ିଛି। ଏହି ଥଣ୍ଡା ପାଗରେ ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ।

### *ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ*

ସିଝା ଆଳୁ - ୪-୫ଟି
ପିଆଜ - ୧
କୋରା ହୋଇଥିବା ପନିର – ୨ରୁ ୩ ଚାମଚ
ମଇଦା - ୧ ଚାମଚ
ଚୁଡ଼ା - ୧ ଚାମଚ
ଅଦା-ରସୁଣ ପେଷ୍ଟ - ୧ ଚାମଚ
ସୋରିଷ - ୧/୨ ଚାମଚ
ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ
କଟା ଧନିଆ ପତ୍ର - ୨ ଚାମଚ
ତେଲ - ୨ ଚାମଚ
ଲୁଣ - ସ୍ୱାଦ ଅନୁସାରେ

### *ଆଳୁ ଉତ୍ତପମ୍ ତିଆରି କରିବାର ପଦ୍ଧତି*

ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଳୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପୋଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ୍।

# ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି: ସମ୍ଭାବନାରୁ ବାସ୍ତବତା ଆଡ଼କୁ ଏକ ଲମ୍ବା ଯାତ୍ରା

ସମ୍ପ୍ରତି ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) କେବଳ ଏକ ବାଣିଜ୍ୟିକ ଦଲିଲ୍ ନୁହେଁ, ବରଂ ଏହା ଦୁଇଟି ବୃହତ୍ ଗଣତାନ୍ତ୍ରିକ ଶକ୍ତି ମଧ୍ୟରେ ବଦଳୁଥିବା ସମୀକରଣର ଏକ ପ୍ରତିଫଳନ ଅଟେ । ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଜଟିଳ ଆଲୋଚନା, ୨୦୧୩ ମସିହାରେ ଆଲୋଚନା ସ୍ଥଗିତ ରହିବା ଏବଂ ପୁନର୍ବାର ୨୦୨୧ରେ ଆରମ୍ଭ ହେବା ପରେ, ଆଜି ଏହି ଚୁକ୍ତି ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି । ଯଦିଓ ବୈଷୟିକ ଦୃଷ୍ଟିରୁ ଆଲୋଚନା ପ୍ରକ୍ରିୟା ସମାପ୍ତ ହୋଇଛି, ତଥାପି ଏହାର ପୂର୍ଣ୍ଣ କାର୍ଯ୍ୟକାରିତା ପାଇଁ ଆଇନଗତ ଅନୁମୋଦନ ଏବଂ ସଂସଦୀୟ ସ୍ୱୀକୃତିର ଆବଶ୍ୟକତା ରହିଛି । ଭାରତ ଏବଂ ବିଶ୍ୱର ସର୍ବବୃହତ୍ ଏକକ ବଜାର (ସିଙ୍ଗଲ୍ ମାର୍କେଟ୍) ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଏହି ବୁଝାମଣା ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି । ଏହି ସମ୍ପାଦକୀୟର ଉଦ୍ଦେଶ୍ୟ ହେଉଛି ଚୁକ୍ତିର ବାସ୍ତବିକ ସ୍ଥିତି, ଏହାର ତତ୍କାଳ ଓ ଦୀର୍ଘମିଆଦୀ ପ୍ରଭାବ ଏବଂ କାର୍ଯ୍ୟକାରିତା ପଥରେ ଥିବା ଆହ୍ୱାନଗୁଡ଼ିକର ଏକ ନିରପେକ୍ଷ ବିଶ୍ଳେଷଣ କରିବା ।

ପରିସଂଖ୍ୟାନ ଉପରେ ନଜର ପକାଇଲେ ଦେଖାଯାଏ ଯେ, ୟୁରୋପୀୟ ସଂଘ ହେଉଛି ଭାରତର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟିକ ଭାଗୀଦାର । ବର୍ତ୍ତମାନ ଉଭୟ ପକ୍ଷ ମଧ୍ୟରେ ବସ୍ତୁ ବାଣିଜ୍ୟ (Merchandise Trade) ବାର୍ଷିକ ପ୍ରାୟ ୧୨୦ ବିଲିୟନ ୟୁରୋ ଅତିକ୍ରମ କରିଛି । ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି କାରବାରକୁ ଦ୍ୱିଗୁଣିତ କରିବା । ଚୁକ୍ତିର ସବୁଠାରୁ ଆକର୍ଷଣୀୟ ଦିଗ ହେଲା ଶୁଳ୍କ ହ୍ରାସ । ଭାରତୀୟ ରପ୍ତାନିକାରୀମାନେ, ବିଶେଷକରି ବୟନ ଶିଳ୍ପ, ଚମଡ଼ା ଶିଳ୍ପ, କ୍ରୀଡ଼ା ସାମଗ୍ରୀ ଏବଂ କୃଷିଜାତ ଦ୍ରବ୍ୟ କ୍ଷେତ୍ରରେ, ଦୀର୍ଘ ଦିନ ଧରି ୟୁରୋପୀୟ ବଜାରରେ ୯% ରୁ ୧୨% ପର୍ଯ୍ୟନ୍ତ ଶୁଳ୍କର ସମ୍ମୁଖୀନ ହେଉଥିଲେ । ଏହି ଚୁକ୍ତି କାର୍ଯ୍ୟକାରୀ ହେବା ପରେ ପ୍ରାୟ ୮୫% ରୁ ୯୦% ଭାରତୀୟ ସାମଗ୍ରୀ ଶୂନ୍ୟ ଶୁଳ୍କରେ ୟୁରୋପୀୟ ବଜାରରେ ପ୍ରବେଶ କରିପାରିବ । ଏହା ବାଂଲାଦେଶ ଏବଂ ଭିଏତନାମ ଭଳି ପ୍ରତିଯୋଗୀ ଦେଶମାନଙ୍କ ତୁଳନାରେ ଭାରତୀୟ ଉତ୍ପାଦକୁ ଅଧିକ ପ୍ରତିଯୋଗିତାମୂଳକ କରିବ । ଓଡ଼ିଶା ଭଳି ରାଜ୍ୟ ପାଇଁ, ଯେଉଁଠାରେ ସାମୁଦ୍ରିକ ଖାଦ୍ୟ (Marine Products) ଏବଂ ଧାତବ ଶିଳ୍ପର ପ୍ରାଧାନ୍ୟ ରହିଛି, ଏହି ଚୁକ୍ତି ରପ୍ତାନି ବୃଦ୍ଧିରେ ସହାୟକ ହେବ ।

ଅପରପକ୍ଷରେ, ଭାରତ ମଧ୍ୟ ନିଜ ବଜାରକୁ ୟୁରୋପୀୟ ସାମଗ୍ରୀ ପାଇଁ ଆଂଶିକ ଭାବେ ଖୋଲିବାକୁ ସମ୍ମତି ପ୍ରକାଶ କରିଛି । ବିଶେଷକରି ୟୁରୋପୀୟ ଯନ୍ତ୍ରପାତି, ଉଚ୍ଚ ଜ୍ଞାନକୌଶଳ ବିଶିଷ୍ଟ ଉତ୍ପାଦ ଏବଂ କିଛି ନିର୍ଦ୍ଦିଷ୍ଟ କୃଷିଜାତ ଦ୍ରବ୍ୟ (ଯଥା ୱାଇନ୍ ଓ ଚିଜ୍) ଉପରେ ଆମଦାନୀ ଶୁଳ୍କ ପର୍ଯ୍ୟାୟକ୍ରମେ ହ୍ରାସ କରାଯିବ । ତେବେ, ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ସରକାର ଘରୋଇ ଡାଏରୀ ଶିଳ୍ପ ଏବଂ କ୍ଷୁଦ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ସମ୍ବେଦନଶୀଳ ଦ୍ରବ୍ୟକୁ ଏହି ଚୁକ୍ତିରୁ ବାଦ୍ ଦେଇଛନ୍ତି କିମ୍ବା ସୀମିତ କୋଟା (Tariff Rate Quotas) ବ୍ୟବସ୍ଥା ରଖିଛନ୍ତି । ଅଟୋମୋବାଇଲ୍ କ୍ଷେତ୍ରରେ ମଧ୍ୟ ଶୁଳ୍କ ହ୍ରାସ ତୁରନ୍ତ ଲାଗୁ ନ ହୋଇ ଏକ ଦୀର୍ଘମିଆଦୀ ସମୟସୀମା (Transition Period) ମଧ୍ୟରେ କରାଯିବ, ଯାହାଦ୍ୱାରା ଘରୋଇ ଶିଳ୍ପ ପ୍ରସ୍ତୁତ ହେବାକୁ ସମୟ ପାଇବ ।

ସେବା କ୍ଷେତ୍ର ବା ସର୍ଭିସ୍ ସେକ୍ଟର, ଯାହା ଭାରତୀୟ ଅର୍ଥନୀତିର ମେରୁଦଣ୍ଡ, ଏହି ଚୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ତେବେ ଏହା ବୁଝିବା ଜରୁରୀ ଯେ ଚୁକ୍ତି ସ୍ୱାକ୍ଷରିତ ହେବା ମାତ୍ରେ ସମସ୍ତ ସୁବିଧା ମିଳିଯିବ ନାହିଁ, ବରଂ ଏହା ଏକ 'ଫ୍ରେମୱାର୍କ' ବା ଢାଞ୍ଚା ପ୍ରସ୍ତୁତ କରିଛି । ଚୁକ୍ତି ଅନୁଯାୟୀ, ଉଭୟ ପକ୍ଷ 'ପେଶାଗତ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି' (Mutual Recognition Agreements - MRAs) ଉପରେ କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି । ଏହାର ଅର୍ଥ ହେଲା, ଆଗାମୀ ଦିନରେ ନର୍ସ, ଡାକ୍ତର, ଆର୍କିଟେକ୍ଟ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ୟୁରୋପରେ ମାନ୍ୟତା ଦେବା ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରସ୍ତୁତ କରାଯିବ । ସେହିପରି ଆଇଟି ପେଶାଦାରଙ୍କ ପାଇଁ ସ୍ୱଳ୍ପକାଳୀନ ଭିସା ଏବଂ କାର୍ଯ୍ୟ କରିବାର ଅନୁମତି (Mode-4 access) କ୍ଷେତ୍ରରେ ନିୟମ କୋହଳ କରିବାକୁ ପ୍ରତିଶ୍ରୁତି ମିଳିଛି । ଡାଟା ସୁରକ୍ଷା ପ୍ରସଙ୍ଗରେ, ଯଦିଓ ଭାରତକୁ ତୁରନ୍ତ 'ଡାଟା ସିକ୍ୟୋର' ଦେଶର ମାନ୍ୟତା ମିଳିନାହିଁ, କିନ୍ତୁ ଏହି ଚୁକ୍ତି ମାଧ୍ୟମରେ ସୃଷ୍ଟି ହୋଇଥିବା ବିଶ୍ୱାସ ଏବଂ ନୂତନ ଡିଜିଟାଲ ବାଣିଜ୍ୟ ନିୟମାବଳୀ ଭବିଷ୍ୟତରେ ଭାରତୀୟ ଆଇଟି କମ୍ପାନୀଗୁଡ଼ିକୁ ୟୁରୋପୀୟ ତଥ୍ୟ ପରିଚାଳନା କରିବାରେ ସହାୟକ ହେବ । ଅର୍ଥାତ୍, ଏହି ଚୁକ୍ତି ସେବା କ୍ଷେତ୍ର ପାଇଁ ତତ୍କାଳ ଫଳାଫଳ ଅପେକ୍ଷା ଭବିଷ୍ୟତର ସୁଯୋଗ ପାଇଁ ଦ୍ୱାର ଉନ୍ମୁକ୍ତ କରିଛି ।

ଏହି ବୁଝାମଣାର ଆଉ ଏକ ପ୍ରମୁଖ ସ୍ତମ୍ଭ ହେଉଛି ନିବେଶ ସୁରକ୍ଷା । ପୂର୍ବରୁ ଥିବା ଦ୍ୱିପାକ୍ଷିକ ନିବେଶ ଚୁକ୍ତିଗୁଡ଼ିକର ସମାପ୍ତି ପରେ ୟୁରୋପୀୟ ନିବେଶକମାନେ ଭାରତରେ ବଡ଼ ଧରଣର ପୁଞ୍ଜି ନିବେଶ କରିବାକୁ ଦ୍ୱିଧାବୋଧ କରୁଥିଲେ । ନୂତନ 'ନିବେଶ ସୁରକ୍ଷା ଚୁକ୍ତି' (Investment Protection Agreement)ରେ ଏକ ନିରପେକ୍ଷ ବିବାଦ ସମାଧାନ ବ୍ୟବସ୍ଥା ରହିଥିବାରୁ ଏହା ବିଦେଶୀ ପ୍ରତ୍ୟକ୍ଷ ନିବେଶ (FDI) ପ୍ରବାହକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଭାରତର ଭିତ୍ତିଭୂମି ବିକାଶ ଏବଂ ସବୁଜ ଶକ୍ତି (Green Energy) କ୍ଷେତ୍ରରେ ୟୁରୋପୀୟ ପୁଞ୍ଜି ଓ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ଯାହା ଏହି ଚୁକ୍ତି ମାଧ୍ୟମରେ ପୂରଣ ହୋଇପାରିବ ।

ତେବେ, ଏହି ଉତ୍ସାହ ମଧ୍ୟରେ କିଛି ବାସ୍ତବବାଦୀ ଆହ୍ୱାନକୁ ଅଣଦେଖା କରାଯାଇ ନ ପାରେ । ୟୁରୋପୀୟ ସଂଘ ନିଜର ପରିବେଶ ଏବଂ ଶ୍ରମ ଆଇନକୁ ନେଇ ଅତ୍ୟନ୍ତ କଠୋର । ବିଶେଷକରି ୟୁରୋପର 'କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜିମ୍' (CBAM) ବା କାର୍ବନ କର ଭାରତୀୟ ଇସ୍ପାତ, ଆଲୁମିନିୟମ ଏବଂ ସିମେଣ୍ଟ ରପ୍ତାନି ଉପରେ ଅତିରିକ୍ତ ବୋଝ ପକାଇପାରେ । ଏହି ଚୁକ୍ତିରେ ଭାରତ କିଛି ମାତ୍ରାରେ ରିହାତି ପାଇବାକୁ ଚେଷ୍ଟା କରିଥିଲେ ମଧ୍ୟ, ଭବିଷ୍ୟତରେ ଭାରତୀୟ ଶିଳ୍ପଗୁଡ଼ିକୁ ସବୁଜ ଉତ୍ପାଦନ ପ୍ରକ୍ରିୟା ଆପଣାଇବା ଅନିବାର୍ଯ୍ୟ ହେବ । ଏହାଛଡ଼ା, ୟୁରୋପୀୟ 'ଜଙ୍ଗଲ କ୍ଷୟ ନିୟମାବଳୀ' (EUDR) ଅନୁଯାୟୀ କଫି, ରବର ଏବଂ କାଠ ସାମଗ୍ରୀ ରପ୍ତାନି ପାଇଁ କଠୋର ପ୍ରମାଣପତ୍ରର ଆବଶ୍ୟକତା ପଡ଼ିବ, ଯାହା କ୍ଷୁଦ୍ର ରପ୍ତାନିକାରୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇପାରେ । ଏହି ଅଣ-ଶୁଳ୍କ ବାଧା (Non-Tariff Barriers) ଗୁଡ଼ିକୁ ମୁକାବିଲା କରିବା ପାଇଁ ଭାରତୀୟ ଉଦ୍ୟୋଗ ଜଗତକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଚୁକ୍ତିର ମହତ୍ତ୍ୱ ଅର୍ଥନୀତିଠାରୁ ଊର୍ଦ୍ଧ୍ୱରେ । ଚୀନ୍ ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇବା ପାଇଁ ୟୁରୋପ ବର୍ତ୍ତମାନ 'ଚୀନ୍ ପ୍ଲସ୍ ୱାନ୍' ନୀତି ଆପଣାଉଛି ଏବଂ ଭାରତ ଏହାର ଏକ ସ୍ୱାଭାବିକ ବିକଳ୍ପ ଭାବରେ ଉଭା ହୋଇଛି । ଏହି ଚୁକ୍ତି ଭାରତର ରଣନୈତିକ ସ୍ୱାୟତ୍ତତାକୁ ବଜାୟ ରଖିବା ସହ ବିଶ୍ୱ ଯୋଗାଣ ଶୃଙ୍ଖଳା (Global Supply Chain)ରେ ଭାରତର ସ୍ଥିତିକୁ ମଜବୁତ କରିବ ।

ପରିଶେଷରେ, ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ଏକ ଶୁଭାରମ୍ଭ ମାତ୍ର । ଏହାକୁ ବାସ୍ତବ ରୂପ ଦେବା ପାଇଁ ଉଭୟ ପକ୍ଷଙ୍କୁ 'ଆଇନଗତ ଯାଞ୍ଚ' (Legal Scrubbing) ଏବଂ ନିଜ ନିଜ ସଂସଦରେ ଅନୁମୋଦନ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ, ଯାହାକୁ ଆହୁରି କିଛି ମାସ ସମୟ ଲାଗିପାରେ । ଏହି ଚୁକ୍ତିର ସଫଳତା ନିର୍ଭର କରେ ଭାରତୀୟ ଶିଳ୍ପସଂସ୍ଥାଗୁଡ଼ିକ ନିଜର ଗୁଣବତ୍ତା ବୃଦ୍ଧି କରିବାର କ୍ଷମତା ଏବଂ ସରକାରଙ୍କ ସହାୟକ ନୀତି ଉପରେ । ଯଦି ସଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ତେବେ ଏହି ଚୁକ୍ତି ଭାରତୀୟ ଅର୍ଥନୀତି ପାଇଁ ଏକ ଶକ୍ତିଶାଳୀ ଇଞ୍ଜିନ୍ ସାବ୍ୟସ୍ତ ହେବ ।



# କୃଷିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ

ଯୁଧିଷ୍ଠିର ମହାରଣା

ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର । ପୁରୁଣା ସରକାର ଯିବା ପରେ ନୂଆ ସରକାରଙ୍କ ଆଗମନ । ଅନେକ ଯୋଜନା, କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ହେବା ମଧ୍ୟ ସ୍ୱାଭାବିକ । କାରଣ ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ସରକାର ରହିଲେ ସ୍ୱାଭାବିକ ଭାବେ ଗୋଟିଏ ରାଜ୍ୟ ବିକାଶ ଲାଭ କରିଥାଏ ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଓଡ଼ିଶାରେ ବିକାଶର କାର୍ଯ୍ୟକ୍ରମ ଚାଲିଛି । ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ପ୍ରସଙ୍ଗ ଉପରେ ମୁଁ ଆଲୋଚନାଟି ରଖୁଛି । ବର୍ତ୍ତମାନର ବଜାର ଦରକୁ ଦେଖିଲେ ଚିନି ଓ ତେଲ ପରି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପ୍ରାୟତଃ ଚଢ଼ା ରହୁଛି । ଓଡ଼ିଶାରେ ଆଖୁ ଓ ବିଭିନ୍ନ ଶସ୍ୟରାଶି ପ୍ରଚୁର ଅମଳ ହେଉଛି କିନ୍ତୁ ଆମ ରାଜ୍ୟରେ ଦିନେ ସକଳ ଥିବା ଚିନିକଳ, ତେଲକଳ ଏବଂ ସୂତା କଳ ଗୁଡ଼ିକ ଏବେ ଅଚଳ । ଆଉ କେତୋଟିର ତ ଅସ୍ତିତ୍ୱ ନାହିଁ । ଚିନିକଳ ଆଖୁ ଚାଷୀଙ୍କୁ ରୋଜଗାର ଦିଏ, ତେଲ କଳ ଚିନାବାଦାମ, ସୂର୍ଯ୍ୟମୁଖୀ ଏବଂ ସୋରିଷ ଚାଷୀଙ୍କୁ ଲାଭବାନ କରାଏ, ସୂତାକଳ କପାଚାଷୀଙ୍କୁ ରୋଜଗାରକ୍ଷମ କରେ । ଏସବୁ କଳ ଚାଲିଥିବା ସମୟରେ ଏଥିରେ ଅନେକ ଲୋକ କର୍ମ ସଂସ୍ଥାନ ପାଇଥିଲେ । ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏସବୁ କୃଷିଭିତ୍ତିକ ଶିଳ୍ପ ଅନେକ ରୋଜଗାର ସୃଷ୍ଟି କରିପାରିଥିଲା ।

ଧାନଚାଷ ସହିତ ବିକଳ୍ପ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଏସବୁ ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର ଆନ୍ତରିକତା ସହ ଉଦ୍ୟମ କରିବା ଜରୁରୀ । ଆଖୁର ଅଭାବୀ ବିକ୍ରି ପାଇଁ ଅନେକ ଚାଷୀ ଏବେ ଆଖୁଚାଷ ଆଡୁ ମୁହଁ ଫେରାଇ ନେଲେଣି । ଏମାନେ ଦାଦନ ମୁହାଁ ହେଉଛନ୍ତି । ନିକଟରେ ସରକାରୀ ଭାବେ ଏକ ଘୋଷଣା ଅନୁଯାୟୀ ରାଜ୍ୟରେ ଚିନିକଳର ପୁନରୁଦ୍ଧାର ପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି । ଚିନିକଳର ଆଧୁନିକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଜଣା ଯାଇଛି । ଏଇ ଟାସ୍କଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ ।

ଆମ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭିତରେ ଦେଖିବାକୁ ଗଲେ ନୟାଗଡ଼ ଏବଂ ବାଙ୍କି ଅଞ୍ଚଳରେ ଆଖୁ ଚାଷ ପାଇଁ ଅନୁକୂଳ ମାଟି, ପାଣି ପବନ ରହିଛି । ଆଖୁ ଭଲ ଅମଳ ଦିଏ ଏଠି । ଦିନେ ନୟାଗଡ଼ ଚିନିକଳ ଏ ଅଞ୍ଚଳ ଚାଷୀଙ୍କ ଆଖୁକୁ କିଣି ନେଉଥିଲେ । ଏବେ ସେ ସବୁ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଛନ୍ତି ଚିନିକଳ ବନ୍ଦ ହୋଇଯିବା କାରଣରୁ । ପଡ଼ୋଶୀ ରାଜ୍ୟର ଦଲାଲମାନେ ଶସ୍ତାରେ ଆଖୁ କିଣି ନେଉଛନ୍ତି ଚାଷୀଙ୍କଠାରୁ । ଧାନଚାଷ ପାଇଁ ଯେଉଁ ସବୁ କ୍ଷେତ ଉପଯୁକ୍ତ ନ ହୁଏ ସେ ସବୁ କ୍ଷେତ୍ରରେ ଆଖୁଚାଷ କରାଯାଇପାରେ । ତେଣୁ ଏ ଅଞ୍ଚଳରେ ମଧ୍ୟ ଏକାଧିକ ଚିନିକଳର ଆବଶ୍ୟକତା ରହିଛି ।

ରାଜ୍ୟରେ ଅନେକ ସୂତାକଳ ବନ୍ଦ ପଡ଼ିଛି । ଆମ ରାଜ୍ୟ ପକାର ଗୁଣାତ୍ମକ ମାନ ଉନ୍ନତ ହୋଇଥିବାରୁ ବିଦେଶରେ ମଧ୍ୟ ଓଡ଼ିଶା କପାର ଚାହିଦା ରହିଛି । ତେଣୁ ଆମେ ଆମ ରାଜ୍ୟର କପାକୁ ସୂତାରେ ରୂପାନ୍ତରିତ କରି ବାହାର ରାଜ୍ୟ ଏବଂ ଦେଶକୁ ମଧ୍ୟ ବିକି ପାରନ୍ତେ । ଏଥିରେ ରାଜ୍ୟର ଚାଷୀ ଉପକୃତ ହେବା ସହିତ ଆମ ରାଜ୍ୟର ହସ୍ତତନ୍ତ ଶିଳ୍ପୀକୁ ମଧ୍ୟ ଏହା ପ୍ରୋତ୍ସାହିତ କରନ୍ତା । ଏବେ ଦେଶ ବିଦେଶରେ କଟନ ପୋଷାକର ଚାହିଦା ବଢୁଛି । ତେଣୁ ଆମ ରାଜ୍ୟରେ ଉନ୍ନତମାନର ସୂତା କପଡ଼ା ମଧ୍ୟ ତିଆରି ହୋଇପାରନ୍ତା ଆମ ରାଜ୍ୟର ଉନ୍ନତ କପାରେ । ଆମ ରାଜ୍ୟର ହସ୍ତତନ୍ତ ଶାଢ଼ିର ସୁନାମ ରହିଛି ଦେଶ ବିଦେଶରେ । କିନ୍ତୁ ଦୁର୍ଭାଗ୍ୟର କଥା ଆମ ରାଜ୍ୟର ବୁଣାକାରମାନେ ଅନ୍ୟ ରାଜ୍ୟରୁ ସୂତା କିଣୁଛନ୍ତି । ତେଣୁ ଏବେ ସମୟ ଆସିଛି କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ପୁଣିଥରେ କିଭଳି ସଚଳ କରେଇହେବ ଏବଂ ଅଧିକ ସଂଖ୍ୟକ ଏଭଳି ଶିଳ୍ପ କିଭଳି କରାଯାଇପାରିବ ସେ ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବାର ବେଳ ଆସିଛି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ କୃଷି ରାଜ୍ୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନେଉଥିବାରୁ ଓଡ଼ିଶାରେ ବିଶେଷକରି ଆଖୁଚାଷ ଓ କପାଚାଷକୁ ଗୁରୁତ୍ୱ ଦେଲେ ଏହା ଧାନ ଓ ଅନ୍ୟ ଶସ୍ୟପରି ଲାଭଜନକ ହୋଇପାରନ୍ତା ।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ । ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ । ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି । ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି । ହେଲେ ଉଦବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷ ଜମିରେ ପରିଲକ୍ଷିତ ହେଉନାହିଁ । ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା । ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା । ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ । ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି । ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି ।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ' । ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି । ପ୍ରୋତ୍ସାହନ ନାହିଁ । ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି । ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ । କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି । ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା । ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଚଷାପୁଅର ଅର୍ଥନୀତିକୁ ବଳ ଦେଇନଥାଏ ବରଂ ଅଳସୁଆ ଓ ନିକମା କରିଥାଏ । ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି । ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ । ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ କିନ୍ତୁ ସତ ହୋଇପାରି ନଥାଏ । ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ । ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ନାହିଁ । ବିପୁଳ ଧନ ଖଟାଇ ନିର୍ବାଚନ ବୈତରଣୀ ପାର ହେବାପରେ କାଶିଆ କିଏ ନା କପିଳା କିଏ ନ୍ୟାୟରେ ଖାଉଟିଙ୍କ ସ୍ୱାର୍ଥକୁ ଫୁ କରିଦେବା ଆମ ସାଧାରଣ ଜୀବନ ଦର୍ଶନରେ ପରିଣତ ହୋଇସାରିଲାଣି । ଏସବୁ ଭିତରେ ଜାତୀୟ ତଥା କ୍ଷେତ୍ରୀୟ ସରକାରମାନେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହଙ୍ଗା ସ୍ଥିତିକୁ କିପରି ବଜାରକୁ ଦେଖି ମୁକାବିଲା କରିହେବ ସେ ପଦକ୍ଷେପ ନେବା ଜରୁରୀ । ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ । ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ:୯୪୩୭୧୬୩୫୨୮

# ସଡ଼କ ସୁରକ୍ଷା ମାସରେ ବାଲେଶ୍ୱରର ସ୍ଥିତି



ସୁବ୍ରତ କର

ରାଜ୍ୟ ସରକାରଙ୍କ ତରଫରୁ ଜାନୁଆରୀ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ଭାବରେ ପାଳନ କରାଯାଉଛି । ଏହା ନିଶ୍ଚିତ ସରକାରଙ୍କ ତରଫରୁ ଏକ ଉତ୍ତମ ପଦକ୍ଷେପ । ଏଥିରୁ ଆମେ ଜାଣି ପାରିବା ସଡ଼କ ସୁରକ୍ଷା ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗ ପରିବହନ, ଟ୍ରାଫିକ ପୋଲିସ ଏବଂ ପୁଲିସ କେତେ ସଜାଗ ଅଛନ୍ତି ଏବଂ ଆମ ସହରକୁ କେତେ ସୁରକ୍ଷା ଦେଇ ପାରୁଛନ୍ତି ଜଣାପଡ଼ିଥାଏ । ଜିଲ୍ଲା ତଥ୍ୟାନୁସାରେ ଗତ ଦୁଇବର୍ଷରେ ୪୧୮ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ୨୦୨୪ରେ ୪୩୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୬୮ ଜଣ ଗୁରୁତର ଏବଂ ୨୫୭ ଜଣଙ୍କର ମୃତ୍ୟୁ ହୋଇଥିଲା । ସେହିପରି ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ୩୨୮ଟି ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ଏଥିରୁ ୨୨୧ ଜଣ ଗୁରୁତର ଏବଂ ୧୬୧ ଜଣ ପ୍ରାଣ ହରାଇଛନ୍ତି । ଏବେ ଜାଣିବାକୁ ଚେଷ୍ଟା କରିବା ଏହିସବୁ ଦୁର୍ଘଟଣାର ମୂଳ କାରଣ ସବୁ କଣ ହୋଇପାରେ । ସହରର ଅଧିକାଂଶ ରାସ୍ତାର ଅବସ୍ଥା ଭଲ ନୁହଁ, ଏହାଛଡ଼ା ରାସ୍ତା ଉପରେ ଜନସାଧାରଣ ନିର୍ମାଣ ସାମଗ୍ରୀ ଗଦା କରିବା, ଅମାନିଆ ଭାବରେ ଗାଡ଼ି ଚଳାଇବା, ସହରରେ କଡ଼ା କଡ଼ି ଭାବେ ଟ୍ରାଫିକ ଚେକିଂ ପୁଲିସ ପକ୍ଷରୁ ନିୟମିତ ଭାବରେ କରା ହେଉନାହିଁ । ଏହାର ସୁଯୋଗ ନେଇ ଗାଡ଼ି ଚାଳକମାନେ ବିନା ହେଲମେଟରେ ଗାଡ଼ି ଚଳାଇବା, କର୍କଶ ଶବ୍ଦ କରୁଥିବା ଅପଡେଟେଡ୍ ସାଇଲେନ୍ସ ପାଇପ ଲଗାଇ ଗାଡ଼ି ଚଳାଇବା । ଏହାଛଡ଼ା ସହର ମଧ୍ୟରେ ସବୁ ସମୟରେ ଭାରୀ ଯାନ ଚଳାଇବାରେ କେହି ବାଧା ଦେବାର ମଧ୍ୟ ନାହିଁ । ରାସ୍ତା ଉପରେ ପଡ଼ି ରହିଥିବା ବାଲି ମଧ୍ୟ ଏକ ବଡ଼ ବିପଦ ସାଜିଛି । ଏବେ ଏବେ ପିପିଲି ପାଖରେ ଏକ ଦୁର୍ଘଟଣା ଘଟି ଜଣେ ସାମ୍ବାଦିକଙ୍କ ସହିତ ୨ ମହିଳାଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଆଞ୍ଚଳିକ ପରିବହନ ବିଭାଗର ତଥ୍ୟାନୁସାରେ ଏ ପର୍ଯ୍ୟନ୍ତ ୧-୧୭ ତାରିଖ) ସର୍ବମୋଟ ୨୬୧୧ଟି ମାମଲା ରୁଜୁ କରାହୋଇଛି । ସେଥିରୁ ବିନା ଲାଇସେନ୍ସ ଏବଂ କାଗଜପତ୍ର ଠିକ୍ ନ ଥିବା ଦୃଷ୍ଟିରୁ ୨୩ ମାମଲା, ଆଉ ଗୋଟାଏ ଦୁର୍ଘଟଣାର ମୂଳ କାରଣ ହେଉଛି ଏବେକାର ଯୁବପିଢ଼ି ନିଶା ସେବନ କରି ଗାଡ଼ି ଚଳାଇବା । ନିଶା କରି ବେପରୁଆ ଭାବରେ ଗାଡ଼ି ଚଳାଇ ଏକ ବିରାଟ କାର୍ଯ୍ୟ ବୋଲି ଏବେକାର ଯୁବପିଢ଼ି ମାନେ ଭାବନ୍ତି । ଏବେ କଥା ହେଲା ଏହି ସବୁ ବଢ଼ି ଚାଲିଥିବା ଦୁର୍ଘଟଣାକୁ ରୋକିବାର ଉପାୟ କଣ ? ସବୁଠୁ ବଡ଼ କଥା ହେଲା ନିଜେ ସଚେତନ ନ ହେଲେ ଏହାକୁ କେଉଁ ପୋଲିସ ବା ସରକାର ରୋକି ପାରିବେ ନାହିଁ । ଆଉ ଗୋଟାଏ ବାଟ ହେଲା ରିତିମତ୍ ରେକିଂର ଆବଶ୍ୟକତା ଅଛି ଏବଂ ଧରା ପଡ଼ିଲେ ଖାଲି ଫାଇନ୍ କରିଦେଲେ ଚଳିବ ନାହିଁ । ଏବେ ଦରକାର ହେଉଛି ଦଣ୍ଡର ବ୍ୟବସ୍ଥା । କିଛିଦିନ ପାଇଁ ଜେଲ ହାଜତର ବ୍ୟବସ୍ଥା ହେଲେ ଭଲ ହୁଅନ୍ତା । ଏସବୁ ଫେଲ ମାରିଲେ ଗାଡ଼ିର ଇଂଜିନକୁ ସିଲ କରି ଗତିକୁ ଅକ୍ତିଆରକୁ ଆଣିବାର ଅଛି । ତେବେ ହୁଏତ ଦୁର୍ଘଟଣା କମିବାର ଆଶା କରିବା ।

# ରାଜ୍ୟପାଳମାନେ ସାମ୍ବିଧାନିକ ପରମ୍ପରା ଭାଙ୍ଗନ୍ତୁ ନାହିଁ



ସୌଭାଗ୍ୟ ରଂଜନ ମହାନ୍ତି

ତାମିଲନାଡୁର ରାଜ୍ୟପାଳ ଆର.ଏନ.ରବି, କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆରଲେକର ଏବଂ କର୍ଣ୍ଣାଟକର ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟ ରାଜ୍ୟ ବିଧାନସଭାରେ ପରମ୍ପରାଗତ ଅଭିଭାଷଣ ଦେବା ଅବସରରେ ଯେଉଁଭଳି ଆଚରଣ ପ୍ରଦର୍ଶନ କରିଛନ୍ତି, ସେଥିରେ ବିସ୍ମିତ ହେବାର କାରଣ କିଛି ନାହିଁ । ଏବେ ଅଣ ବିଜେପି ଶାସିତ ରାଜ୍ୟରେ ରାଜ୍ୟପାଳ ମାନଙ୍କ ଅନୁରୂପ ଆଚରଣ ଏକ ପରମ୍ପରାରେ ପରିଣତ ହୋଇଗଲାଣି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ଗଲା ୨୦ତାରିଖ ଦିନ ତାମିଲନାଡୁ ବିଧାନସଭାରେ ଲିଖିତ ଭାଷଣ ପଢିବାକୁ ମନା କରିଦେବା ସହ ବିଧାନସଭା ଛାଡି ଚାଲିଯାଇଥିଲେ । ତେବେ ସେ ବିଧାନସଭା ଛାଡି ଚାଲିଯିବାର କାରଣ ନେଇ ତାଙ୍କ କାର୍ଯ୍ୟାଳୟ ତଥା ଲୋକଭବନ (ରାଜଭବନ) ପକ୍ଷରୁ ଯେଉଁ ସ୍ପଷ୍ଟୀକରଣ ଦିଆଯାଇଛି, ତାହା କେବଳ ଭିତିହୀନ ନୁହେଁ, ବିଭ୍ରାନ୍ତିକରଣ ମଧ୍ୟ । ସେହିପରି ତିରୁବନ୍ତପୁରମରେ ବିଧାନସଭାରେ ରାଜ୍ୟପାଳ ପାଠ କରିଥିବା ଅଭିଭାଷଣକୁ କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଭାଷଣକୁ ସଂଶୋଧନ କରିଥିଲେ । ମୁଖ୍ୟମନ୍ତ୍ରୀ ପିନରାଇଙ୍କ ତଥ୍ୟ ଅନୁଯାୟୀ ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦିତ ଅଭିଭାଷଣ ପୁସ୍ତିକାର କିୟଦଂଶ ରାଜ୍ୟପାଳ ଛାଡି ଦେଇ ଆଗକୁ ମାଡି ଚାଲିଯାଇଥିଲେ । ଯାହାକୁ ପିନରାଇ ସଂଶୋଧନ କରିଥିଲେ । ଆହୁରି ମଧ୍ୟ କର୍ଣ୍ଣାଟକର ରାଜ୍ୟପାଳ ଗେହଲଟ ବିଧାନସଭାରେ ଅଭିଭାଷଣ ଦେବା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣର କିଛି ଅଂଶ ପଢିବାକୁ ମନା କରିଦେବା ସଙ୍ଗେ ସଙ୍ଗେ ବିଧାନସଭା ଛାଡି ଚାଲିଯାଇଥିଲେ । ଉଲ୍ଲେଖଯୋଗ୍ୟ ରାଜ୍ୟପାଳ ରବି ଏବଂ ଆରଲେକର ଦୀର୍ଘ କାଳ ଧରି ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ଶ୍ରୀ ଗେହଲଟ ଜଣେ ଅଭିଜ୍ଞ ନେତା ତଥା ସମ୍ବିଧାନ ବିଶାରଦ ଭାବେ ପରିଚିତ । ରାଜ୍ୟ ବିଧାନସଭାର ବଜେଟ ଅଧିବେଶନରେ କିମ୍ବା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ଉପରେ ପ୍ରସ୍ତୁତ ପୁସ୍ତିକାକୁ କେବଳ ପାଠ କରିବା ପରମ୍ପରା ରହିଛି । ଏହା ସମ୍ବିଧାନ ନିର୍ଦ୍ଦେଶିତ । ଏହି ନିୟମ ଏବଂ ପରମ୍ପରା ପ୍ରତି ସେମାନେ ଅବଗତ ଥିବେ ନିଶ୍ଚିତ । କହିବା ବାହୁଲ୍ୟ ଯେ, ବ୍ରିଟିଶ ଶାସନ ସମୟରେ ସରକାରୀ ଅଭିଭାଷଣରୁ ବ୍ରିଟିଶ ଶାସକମାନେ କେବେହେଲେ ବିଚ୍ୟୁତ ହୋଇନଥିଲେ । ଭାରତୀୟ ସଂସଦୀୟ ଗଣତନ୍ତ୍ର ୱେଷ୍ଟମିନିଷ୍ଟର ମଡେଲ ଉପରେ ପର୍ଯ୍ୟବେସିତ । ଏବେ ରାଜ୍ୟପାଳମାନେ ଏହି ପରମ୍ପରାକୁ ଉଲଂଘନ କରି କେନ୍ଦ୍ରରେ କ୍ଷମତାସୀନ ଦଳର ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତୀତରେ ରାଷ୍ଟ୍ରପତି ଆର.ଭେଙ୍କଟରମଣ ଅନୁରୂପ ମନ୍ତବ୍ୟ ଦେଇଥିଲେ । ଏହା ନିସନ୍ଦେହ ଯେ, ରାଜ୍ୟ ସରକାରଙ୍କ ସହ ରାଜ୍ୟପାଳ ରବିଙ୍କର ବିବାଦ ନୂଆ ନୁହେଁ । ବିଧାନସଭାରେ ଗୃହିତ ବିଲକୁ ମଂଜୁରୀ ଦେବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ଦୀର୍ଘ ବିବାଦ ରହିଛି । ରାଜ୍ୟପାଳ ରବି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଦୌ ଉତମ ସମ୍ପର୍କ କିମ୍ବା ସମନ୍ୱୟ ନାହିଁ । ସେ ରାଜ୍ୟପାଳ ଭାବେ ନିଯୁକ୍ତି ପାଇବା ପରଠାରୁ ସରକାରଙ୍କ ସହ ତାଙ୍କର ବିବାଦ ଲାଗି ରହିଛି । ଏପରିକି ବିବାଦୀୟ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କୁ ହସ୍ତକ୍ଷେପ କରିବାକୁ ପଡିଛି । କିନ୍ତୁ କେରଳ ରାଜ୍ୟପାଳ ଆରଲେକର ଗତବର୍ଷ ଯାହା କରିଥିଲେ, ଏଥର ତାହାର ପୁନରାବୃତି ନକରି ଲିଖିତ ପୁସ୍ତକର କିଛି ଅଂଶ ଛାଡି ଦେଇ ପାଠ କରିଥିଲେ । ଏହା ନିସନ୍ଦେହ ଯେ, ରାଜ୍ୟପାଳ ରବି ସାମ୍ବାଧାନିକ ପରମ୍ପରାକୁ ବାରମ୍ବାର ଉଲଂଘନ କରିଚାଲିଛନ୍ତି । ବିଧାନସଭାର ପ୍ରଥମ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଆରମ୍ଭ ହେବା ନିୟମକୁ ସଂଶୋଧନ କରିବାକୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ୍ ଦାବି କରିଛନ୍ତି ସମ୍ବିଧାନର ୮୭ ଓ ୧୭୬ ଧାରାରେ ବର୍ଷ ଆରମ୍ଭରେ ପାର୍ଲିଆମେଂଟ ଓ ବିଧାନସଭାର ପ୍ରଥମ ଅଧିବେଶନରେ ଯଥାକ୍ରମେ ରାଷ୍ଟ୍ରପତି ଓ ରାଜ୍ୟପାଳ ସ୍ୱତନ୍ତ୍ର ଅଭିଭାଷଣ ଦେବା ନିର୍ଦ୍ଦେଶ ରହିଛି । ଉଲ୍ଲେଖଯୋଗ୍ୟ ଯେ, ବ୍ରିଟିଶ ଶାସନ କାଳର ଏହି ଧାରାକୁ ଉଚ୍ଛେଦ କରିବାକୁ ୩୫ବର୍ଷ ପୂର୍ବେ ତତ୍କାଳୀନ ରାଷ୍ଟ୍ରପତି ଆର.ଭେଙ୍କଟରମଣ ପ୍ରଧାନମନ୍ତ୍ରୀ ରାହୁଲ ଗାନ୍ଧୀ ଏବଂ ଚନ୍ଦ୍ରଶେଖରଙ୍କୁ ବାରମ୍ବାର ସୁପାରିଶ କରିଥିଲେ । ଏହି ଧାରାକୁ କାଳଗତ ଅସଂଗତି ଏବଂ ଅର୍ଥହୀନ ବୋଲି ଭେଙ୍କଟରମଣ ଦର୍ଶାଇଥିଲେ, ଯାହା ଏବେ ଯଥାର୍ଥ ମନେ ହୁଏ । ଏହି ପରାମର୍ଶ ବା ସୁପାରିଶ ପ୍ରତି କେନ୍ଦ୍ର ସରକାର ବିଚାର ବିମର୍ଷ କରିବା ଆବଶ୍ୟକ । ଏହି ଆଇନକୁ ପୁରୁଣାକାଳିଆ ବ୍ରିଟିଶ ଆଇନ ଭାବେ ଗ୍ରହଣ କରି ଉଚ୍ଛେଦ କରିବାର ସମୟ ଏବେ ଆସିଛି । ଏବେ କେନ୍ଦ୍ର ସରକାର ବହୁ ଆଇନକୁ ପୁରୁଣାକାଳିଆ, ଅଦରକାରୀ ଦର୍ଶାଇ ରଦ୍ଦ କରିଥିବାବେଳେ ଏହାକୁ ଉଚ୍ଛେଦ କରିବେ ବୋଲି ଆଶା । ହାଉସ ଅଫ କମନ୍ସରୁ ଆସିଥିବା ଏହି ଧାରା ଦ୍ୱୟ ଉଚ୍ଛେଦ ହେଲେ କିଛି କ୍ଷତି ହେବ ନାହିଁ । କାରଣ ସମ୍ବିଧାନର ଧାରା ୮୬ ଏବଂ ୧୭୫ରେ ରାଷ୍ଟ୍ରପତି ସାଂସଦ ଓ ବିଧାୟକମାନଙ୍କୁ ସମ୍ବୋଧନ କରିବାର ଅଧିକାର ଦେଇଛି । ରାଜ୍ୟପାଳମାନେ ନିଜର କ୍ଷମତାକୁ ସମାଲୋଚିତ ହେବାକୁ ନଦେଇ ସମ୍ବିଧାନର ନିର୍ଦ୍ଦେଶକୁ ସମ୍ମାନ ଦେବା ଉଚିତ । ଯାହାକି ସେମାନଙ୍କର ପଦ ମର୍ଯ୍ୟାଦାର ଗୌରବକୁ ସମୃଦ୍ଧ କରିବ ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୭୯୭୮୬୬୬୪୦୩

କବିତା କୋଣାର୍କ

## ଘର

କ୍ଷଣପ୍ରଭା ମହାନ୍ତି

ଘର କହିଲେ ମୁଁ ବୁଝୁଥିଲି ମୋ
ବାପା, ଜେଜେ ବାପାଙ୍କ ପିଢ଼ି ପିଢ଼ି
ସାଇତା ସୋପ୍ନ ସବୁକୁ ।

ଯୋଉ କାଠ ସିନ୍ଦୁକରେ ସାଇତା ଥିଲା
ମୋ ଜେଜେ ମା'ର କିଛି ସ୍ମୃତି, ମୋ
ବୋଉର କିଛି ଅନୁଭୂତି ।

ଆମ ଛଣ ଛପର ଘରେ ଥିଲା
ଆମ୍ବ ତୃପ୍ତିର ମୋହ, ଜୀବନ ଆରମ୍ଭର
ମୂକ ସାକ୍ଷୀ ଥିଲା ଷଠି ଘର କାନ୍ଥ କଉଡ଼ି ।

ଜେଜେ ବାପା ଏବେ ନାହାଁନ୍ତି, ହେଲେ
ସେ ଘରକୁ ଏବେବି ଜଗି ରହିଛି
ତାଙ୍କର ସେ କାଠ ଚୌକି ।

ବୋଉ ଆଣିଥିବା ନାମାବଳୀ, ଗୀତା
ଭାଗବତ ପୋଥି ଆମ ଠାକୁର ଘରେ
ଏବେବି ଆସ୍ଥାନ ଜମେଇଛନ୍ତି ।

ହଁ ବୋଉ ଭରସାରେ ଜେଜେ ମା
ଛାଡ଼ି ଯାଇଥିବା ଦେଇ ପିଣ୍ଡି ବୋଉ
ଗଲା ପରେ ଏବେବି ଗୁମୁରୀ କାନ୍ଦୁଚି ।
ପରବ ଆସିଲେ ଆମ ଘର ହସେ,
ସମ୍ପର୍କର ମିଠା ବାସ୍ନା ସଭିଙ୍କୁ ଆକର୍ସେ
ଅଭାବ ବି ଦାନା ବାନ୍ଧି ଥାଏ, ହେଲେ
ନିରୂତା ଭଲ ପାଇବା ଆଗରେ ପ୍ରତିଥର
ହାର ମାନି ଯାଏ ।

ବାପା ଜମି ପାଞ୍ଚ ମାଣରେ ସଂସାର
ଗଢନ୍ତି, ବନ୍ଧୁ ସଂଖୁଳନ୍ତି, ସାହୁକାର
କଳାନ୍ତ ସୁଜନ୍ତି, ତଥାପି ସେ ଘରେ ଥାଏ
ସୁଖ ଶାନ୍ତି ।

ବାପା କୁହନ୍ତି ସେ ଘର ଦୁଃଖ ସୁଖ
ସବୁକୁ ଦେଖିଚି, ମୋ ଦୁର୍ଦ୍ଦିନରେ
ମୋତେ ଭରସା ଦେଇଚି, ମୋ
ମାଟି ବୈକୁଣ୍ଠ ସେ, ମୋ ନୀରବ
ଓଠର ଭାଷା ସେ ବୁଝିଚି ।

+ନୀଳାଦ୍ରି ନଗର ଖଣ୍ଡଗିରି

## ପ୍ରେମିକାଟା ମୋର

ଜୟନ୍ତ କୁମାର ମଲ୍ଲିକ୍



ପ୍ରେମିକାଟା ମୋର ଭାରି ଲାଜକୁଳି
କହେ ନାହିଁ କିଛି ଖୋଲି
ଚାହାଣୀରେ ଖାଲି ଇସାରା ଦେଉଛି
ମତେ ଭଲପାଏ ବୋଲି ।
ପୋଟଳ ଫାଳିଆ ଆଖି ଆଇନାରେ
ଆଙ୍କିଛି ସିଏ ମୋ ଛବି
ତା'ରୂପ ଗୁଣରେ ହୋଇ ବିମୋହିତ
ସାଜିଅଛି ମୁହିଁ କବି ।
ଉପହାର କିଛି ତା'ହାତରେ ଦେଲେ
ଧନ୍ୟବାଦଟିଏ ଦିଏ
ଅଳପ କଥାର ଗଳପ ଭିତରେ
ମୋ ମନକୁ ମୋହି ନିଏ ।
କରିବି ତାକୁ ମୁଁ ମୋ ଜୀବନ ସାଥି
ମନେ ଶପଥ ନେଇଛି
ଛାତି ତଳେ ଥିବା ହୃଦ ସିଲଟରେ
ତା'ନାଆଁ ଲେଖି ଦେଇଛି ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭




ସାରା ଭାରତରେ ଏବେ ଶୀତର ଲହରି ଜାରି ରହିଛି । କେଉଁଠି ବରଫପାତ ହେଉଛି ତ କେଉଁଠି ଦ୍ୱିପ୍ରହର ହେଲା ପରେ ବି କୁହୁଡ଼ି ଛାଡ଼ିବାର ନାଁ ନେଉନି । ଏଭଳି ପରିସ୍ଥିତିରେ ଲୋକଙ୍କୁ ଥଣ୍ଡା , ଜ୍ୱର ହେବାର ସମସ୍ୟା ମଧ୍ୟ ଲାଗିରହୁଛି । ସବୁଠାରୁ ଅଧିକ ଚିନ୍ତା ବାପା,ମା'ଙ୍କୁ ଘାରୁଛି କାରଣ ଏହି ସମୟରେ ଛୋଟ ପିଲାଙ୍କ ଦେହ ଅଧିକ ଖରାପ ହୋଇଥାଏ । ପ୍ରବଳ ଜାଡ଼ରେ ପିଲାମାନଙ୍କୁ ଯେଭଳି ଥଣ୍ଡା ନ ଧରୁ ସେଥିପାଇଁ ବାପା,ମା'ଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ସେମାନଙ୍କ ପିଲାମାନଙ୍କୁ ଥଣ୍ଡାରୁ ରକ୍ଷା କରିବା । ବୟସ୍କମାନେ ପ୍ରାୟତଃ ପିଲାମାନଙ୍କୁ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଘୋଡ଼ାଇ ରଖିବାକୁ ପରାମର୍ଶ ଦିଅନ୍ତି ଖାସ୍ କରି ଶୋଇବା ସମୟରେ । କିନ୍ତୁ ଏହା କରିବା କ'ଣ ପ୍ରକୃତରେ ଠିକ୍ ଏବଂ ଏନେଇ ଡାକ୍ତର କ'ଣ ପରାମର୍ଶ ଦିଅନ୍ତି ଆସନ୍ତୁ ଜାଣିବା ?

ଶିଶୁ ବିଶେଷଜ୍ଞଙ୍କ ମତରେ ଶୋଇବା ସମୟରେ ଛୋଟ ପିଲାଙ୍କୁ ଟୋପି ପିନ୍ଧାଇବା ସାଧାରଣତଃ ଠିକ ବୋଲି କୁହାଯାଏ ନାହିଁ କାରଣ ଏହା ପଛରେ ଏକ ବୈଜ୍ଞାନିକ କାରଣ ରହିଛି । ପିଲାଙ୍କ ଶରୀର ବୟସ୍କଙ୍କଠାରୁ ଭିନ୍ନ । ଖାସ୍ କରି ନବଜାତ ଏବଂ ଛୋଟ ପିଲାମାନଙ୍କ ଶରୀରରେ ଅଧିକ ବ୍ରାଉନ୍ ଫ୍ୟାଟ୍ ଥାଏ ଯାହା ସେମାନଙ୍କ ଶରୀର ଭିତରେ ଉତ୍ତାପ ସୃଷ୍ଟି କରି ସେମାନଙ୍କୁ ଥଣ୍ଡା କରିବାରେ ସାହାଯ୍ୟ କରେ କାରଣ ସେମାନେ ବୟସ୍କଙ୍କ ପରି ସେମାନଙ୍କ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ । ଏହି ଚର୍ବି ବେକ, କାନ୍ଧ ଏବଂ ପିଠିରେ ଏକାଠି ହୋଇଥାଏ ଏବଂ ବୟସ ବଢ଼ିବା ସହ ଚର୍ବି ମଧ୍ୟ କମେ । ଶିଶୁମାନଙ୍କ ଶରୀରର ତାପମାତ୍ରା ସେମାନଙ୍କ ମୁଣ୍ଡ ମାଧ୍ୟମରେ ନିୟନ୍ତ୍ରିତ ହୁଏ । ଯଦି ଆପଣ ଶୋଇବା ସମୟରେ ସେମାନଙ୍କ ମୁଣ୍ଡକୁ ଘୋଡ଼ାଇ ଦିଅନ୍ତି ତେବେ ଶରୀରର ଅତିରିକ୍ତ ଉତ୍ତାପ ବାହାରକୁ ଯାଇପାରିବ ନାହିଁ ଯାହା ଫଳରେ ମୁଣ୍ଡ ସହ ଦେହ ମଧ୍ୟ ଅତ୍ୟଧିକ ଗରମ ହୋଇପାରେ ।

ଛୋଟ ପିଲାମାନଙ୍କ ମଧ୍ୟରେ ଅତ୍ୟଧିକ ଗରମ ହେବା ହଠାତ୍ ଶିଶୁ ମୃତ୍ୟୁର ଏକ ପ୍ରମୁଖ କାରଣ ବୋଲି କୁହାଯାଏ । ଶୋଇବା ସମୟରେ ସବୁବେଳେ ମୁଣ୍ଡ ଘୋଡ଼ାଇ ରଖିବା ଦ୍ୱାରା ଶିଶୁ ଅଧିକ ଗରମର ଶିକାର ହୋଇପାରେ । ଶୋଇବା ସମୟରେ ଶିଶୁମାନେ ସେମାନଙ୍କର ହାତ ଏବଂ ଗୋଡ଼ ହଲାଇଥା'ନ୍ତି ଯାହା ଫଳରେ ଟୋପିଟି ସେମାନଙ୍କ ମୁହଁ କିମ୍ବା ନାକ ଉପରକୁ ଖସିଯାଇପାରେ । ଏହା ନିଶ୍ୱାସ ନେବାରେ ଅସୁବିଧା ମଧ୍ୟ ସୃଷ୍ଟି କରିପାରେ । ତେବେ ଟୋପି ଅପେକ୍ଷା ମୋଜା ପିନ୍ଧିବା ବହୁତ ସୁରକ୍ଷିତ ବୋଲି କୁହାଯାଏ କିନ୍ତୁ କିଛି କଥା ମନେ ରଖିବାକୁ ପଡ଼ିବ । ଶିଶୁ ଶୋଇବା କୋଠରୀଟି ଯଦି ବହୁତ ଥଣ୍ଡା ଥାଏ ତେବେ ମୋଜା ପିନ୍ଧିବା ଭଲ । କାରଣ ପାଦ ଉଷୁମ ଥିଲେ ଶିଶୁକୁ ଭଲ ନିଦ ହୋଇଥାଏ । ତଥାପି ଶିଶୁର ମୋଜା ଅତ୍ୟଧିକ ଟାଇଟ୍ ରହିବା ଉଚିତ୍ ନୁହେଁ । ଅତ୍ୟଧିକ ଟାଇଟ୍ ମୋଜା ପିନ୍ଧିବା ଦ୍ୱାରା ଆପଣଙ୍କ ଶିଶୁର ପାଦରେ ରକ୍ତ ସଞ୍ଚାଳନ ପ୍ରଭାବିତ ହୋଇପାରେ । ଶିଶୁମାନଙ୍କ ପାଇଁ ସବୁବେଳେ କପା କିମ୍ବା ହାଲୁକା କପଡ଼ାର ମୋଜା ବାଛନ୍ତୁ ଯାହା ସେମାନଙ୍କ କୋମଳ ଚର୍ମକୁ ପ୍ରଭାବିତ କରିବ ନାହିଁ । ଯଦି କୋଠରୀ ଗରମ ଥାଏ ତେବେ ମୋଜା ପିନ୍ଧିବା ଆବଶ୍ୟକ ନୁହେଁ ।

# କରନ୍ତୁ ଏହି ପ୍ରାଣାୟାମ୍ : ଉଚ୍ଚ ରକ୍ତଚାପ ହୋଇଯିବ ଦୂର

ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର । ଏହି ପ୍ରାଣାୟମ୍ କରିବା ପାଇଁ ପ୍ରଥମେ, ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ। ଆଖି ବନ୍ଦ



କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ। ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ। ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ । ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ । ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ , ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ , ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ , ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ । ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ । ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ । , ୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ । ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ ।




ଆଗରୁ ବାରି, ବଗିଚାମାନଙ୍କରେ ଅନେକ ପ୍ରକାର ଔଷଧୀୟ ବୃକ୍ଷ, ଲତା ଦେଖିବାକୁ ମିଳୁଥିଲା । ଘରେ କାହାର କିଛି ଦେହ ଖରାପ ହେଲେ ବାରିରୁ ପତ୍ର ତୋଳି ବାଟି ଏହାକୁ ଔଷଧ ରୂପରେ ଖିଆ ଯାଉଥିଲା । ସେତେବେଳେ ତ ଆଉ ଗାଁମାନଙ୍କରେ ଏତେ ମେଡିସିନ୍ ଦୋକାନ ନଥିଲା କି ହାତପାହାନ୍ତାରେ ଔଷଧ ମିଳୁନଥିଲା ତେଣୁ ଜେଜେବାପା ଅମଳର ଲୋକମାନେ ଏହି ଔଷଧୀୟ ପତ୍ର ଉପରେ ହିଁ ଭରସା କରୁଥିଲେ । ବର୍ତ୍ତମାନ ସମୟରେ କେବଳ ସହରରେ ନୁହେଁ ଗାଁମାନଙ୍କରେ ମଧ୍ୟ ଔଷଧ ସହଜରେ ଉପଲବ୍ଧ । ତେଣୁ ବାରି ବଗିଚାରେ ଆଉ ଏହି ଔଷଧୀୟ ବୃକ୍ଷ,ଲତା ଦେଖିବାକୁ ମିଳୁନି । କିନ୍ତୁ ଯଦି ଘରେ କେହି ବୟଜ୍ୟେଷ୍ଠ ଥିବେ ତା'ହେଲେ ସେମାନେ ଏହି ଔଷଧୀୟ ପତ୍ରର ଉପକାରିତା ବିଷୟରେ ଭଲରେ ଜାଣିଥିବେ । ଏମିତି ହିଁ ଏକ ପତ୍ର ହେଉଛି ପସାରୁଣୀ ପତ୍ର । ପସାରୁଣୀ ପତ୍ର ହେଉଛି ଏକପ୍ରକାର ଲତା ଯାହାର ପତ୍ର ଅନେକ ଔଷଧୀୟ ଗୁଣର ଅଧିକାରୀ । ଏହି ପତ୍ରକୁ ଇଂରାଜୀରେ **Skunk Vine Leaf** ବୋଲି କୁହାଯାଏ ଯାହା ପେଟର ଅନେକ ସମସ୍ୟା ଭଲ କରିଦିଏ । କିନ୍ତୁ ପସାରୁଣୀ ପତ୍ରରୁ ଆସୁଥିବା ଦୁର୍ଗନ୍ଧ ଯୋଗୁଁ ଅନେକ ଏହାକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ । ତେବେ ଦୁର୍ଗନ୍ଧ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଏହା ବହୁତ ଭଲ । ଯେଉଁ ଲୋକଙ୍କ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅଛି ପସାରୁଣୀ ପତ୍ରକୁ ଗୋଲମରିଚ ସହିତ ବାଟି କିଛି ଦିନ ସେବନ କରନ୍ତୁ ପେଟର ସମସ୍ତ ରୋଗ ସହ ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ ଦୂର ହେବ । ନାଳ ରକ୍ତ ଝାଡ଼ା ହେଉଥିଲେ ଏହି ପତ୍ରର ରସ ସହିତ ମହୁ ମିଶାଇ ଦିନକୁ ୨ ରୁ ୩ ଥର ସେବନ କରନ୍ତୁ ମଳ ସମ୍ବନ୍ଧୀୟ ସମସ୍ୟା ଦୂର ହେବ । ଏହି ପତ୍ରକୁ ଛେଚି କ୍ଷତ ସ୍ଥାନରେ ଲଗାଇ ପଟି ବାନ୍ଧିଲେ କ୍ଷତ ଶୁଖିଥାଏ । ଖାଲି ଏତିକି ନୁହେଁ ଦରଜ ହୋଇଥିବା ଜାଗାରେ ଏହି ପତ୍ରକୁ ନିଆଁରେ ସେକି ବାନ୍ଧିଦେଲେ ଦରଜ ବା ଫୁଲିଥିବା ଜାଗା ଭଲ ହୁଏ । ପସାରୁଣୀ ତେଲକୁ ଆଣ୍ଠୁଗଣ୍ଠିରେ ମାଲିସ୍ କଲେ ଦରଜରୁ ମୁକ୍ତି ମିଳେ । ଏହି ପତ୍ରକୁ ତରକାରୀ କରି ମଧ୍ୟ ଖିଆଯାଏ । ଯାହାଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ । ପସାରୁଣୀ ପତ୍ରକୁ ତରକାରୀ କଲେ ଏଥିରୁ ଆଉ ଦୁର୍ଗନ୍ଧ ବାହାରେ ନାହିଁ । ଯେଉଁ ଲୋକଙ୍କୁ ଯାହା ବି ଖାଇଲେ ଅଜୀର୍ଣ୍ଣର ସମ୍ମୁଖିନ ହେବାକୁ ପଡୁଛି ସେମାନେ ୬ ରୁ ୭ ଟି ପସାରୁଣୀ ପତ୍ର ସହି ୫ ରୁ ୬ ଟି ଗୋଲମରିଚକୁ ବାଟି ଖାଆନ୍ତୁ । ଏହାଦ୍ୱାରା ଆମ୍ବିଳା ହାକୁଟି ଓ ଅଜୀର୍ଣ୍ଣ ଦୂର ହୋଇଥାଏ । କୃମି ପାଇଁ ମଧ୍ୟ ଭାରି ଉପକାରୀ ପସାରୁଣୀ ପତ୍ର ।

# ଖାଆନ୍ତୁ ଏହି ଫ୍ରୁଟ୍ : କମାଇବ ଆପଣଙ୍କ ଓଜନ....

ଏବେ ଯୁବପିଢୀ ଶରୀରକୁ ସବୁବେଳେ ସୁସ୍ଥ ରଖିବା ପାଇଁ ବେଶ୍ ଚିନ୍ତିତ । ତେବେ ଆପଣ ଯଦି ଓଜନ କମ୍ ଏବଂ ଶରୀରକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ପାଇଁ ପ୍ରୋଟିନ୍ ଜରୁରୀ ଅଟେ । ତେବେ ଆସନ୍ତୁ ଜାଣିବା ଏମିତି ୫ଟି ଫଳ ବିଷୟରେ ଯାହା ଖାଇଲେ ଆପଣଙ୍କ ଶରୀର ସବୁବେଳେ ପ୍ରୋଟିନ୍ ପାଇପାରିବ । ଆଜିକାଲି ଅଧିକାଂଶ ଲୋକେ ପ୍ରୋଟିନ୍ ପଛରେ ଧାଉଁଛନ୍ତି । ଶରୀର ଗଠନ କରିବାପାଇଁ ଚାହାଁନ୍ତୁ କି ଓଜନ କମ୍ କରିବା ପାଇଁ ଚାହାଁନ୍ତୁ ସବୁବେଳେ ପ୍ରୋଟିନର ଆବଶ୍ୟକତା ରହିଛି । ଆମେ ବେଶ୍ ଭଲ ଭାବେ ଜାଣିଛେ ଯେ ପ୍ରୋଟିନ୍ ଆମ ଶରୀର ପାଇଁ କେତେ ଜରୁରୀ । ଅଧିକାଂଶ ଲୋକେ ଡାଇଟେସିଆନ୍ ମାନଙ୍କ ସାହାଯ୍ୟ ମଧ୍ୟ ନେଇଥାଆନ୍ତି ।

ବିଶେଷକରି ଯେତେବେଳେ ପ୍ରୋଟିନ୍ କଥା ଆମ ମନକୁ ଆସେ ସେତେବେଳେ ଭାବନ୍ତି ଯେ ମାଂସ, ଅଣ୍ଡା, କ୍ଷୀର , ଡାଲିରେ ପ୍ରୋଟିନ୍ ଥାଏ ବୋଲି ଆମ ମନକୁ ଏଭଳି ଭାବନା ଆସିଥାଏ। ତାହା ଠିକ୍ ମଧ୍ୟ । କିନ୍ତୁ ଆପଣ କଣ ଜାଣିଛନ୍ତି କି ଏମିତି ବି ଫଳ ଅଛି ଯାହା ଆମ ଶରୀରକୁ ଭରପୂର ମାତ୍ରାରେ ପ୍ରୋଟିନ୍ ଯୋଗାଇଥାଏ ।ଏହାକୁ ବିଶ୍ୱାସ କରିବା କଷ୍ଟକର ହେଲେ ଏହା ସତ । ଏହି ସବୁ ଫଳ କେବଳ ସ୍ୱାଦିଷ୍ଟ ଫଳ ନୁହେଁ ବରଂ ଏହା ଶରୀର ଗଠନ କରିବାରେ ମଧ୍ୟ ସହାୟକ ହୋଇଥାଏ । ଯଦି ଆପଣ ପ୍ରତିଦିନ ଏହି ଫଳକୁ ଆପଣଙ୍କ ଖାଇବାରେ ସାମିଲ୍ କରନ୍ତି ତେବେ ଏହା ଆପଣଙ୍କ ପାଇଁ ବେଶ୍ ଫାଇଦା ହେବ ।

୧- ପାସନ୍ ଫ୍ରୁଟ୍ :- ଗୋଟିଏ କପ୍ ପ୍ୟାସନ ଫ୍ରୁଟର ପଲ୍ ୫ ଗ୍ରାମ ପ୍ରୋଟିନ୍ ରହିଥାଏ। କେବଳ ଏଥିରେ ପ୍ରୋଟିନ୍ ନଥାଏ ବରଂ ଫାଇବର, ଭିଟାମିନ୍ ସି ଏବଂ ଭିଟାମିନ୍ ଏ ମଧ୍ୟ ଭରପୁର ମାତ୍ରାରେ ପାଇପାରିବେ। ଏହା ପରେ ବି ଏହା ଖାଦ୍ୟ ଯୋଗ୍ୟ ଅଟେ। ଯେଉଁଥିରେ ଆପଣଙ୍କୁ ଆହୁରି ଅଧିକ ପୋଷଣ ମଧ୍ୟ ମିଳିପାରିବ। ଏହାକୁ ମଧ୍ୟ ଧ୍ୟାନ ରଖନ୍ତୁ ଯେ ପ୍ୟାସନ ଫ୍ରୁଟର ଗୋଟିଏ ପଲ୍ପ ତିଆରି କରିବା ପାଇଁ ଅଧିକ ଫଳ ଆବଶ୍ୟକ ପଡିବ।

୨- ପିଜୁଳି :- ପ୍ରୋଟିନ୍ ପାଇବା ପାଇଁ ପିଜୁଳିକୁ ବି ମଧ୍ୟ ଆଫଣଙ୍କ ଡାଏଟରେ ସାମିଲ୍ କରିପାରିବେ । ଗୋଟିଏ ପିଜୁଳିରେ ପ୍ରାୟ ୪.୨ ଗ୍ରାମ ପ୍ରୋଟିନ୍ ଥାଏ । ଏହା ସହିତ ପିଜୁଳିରେ ଭିଟାମିନ୍ ସି , ଫାଇବର ଏବଂ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଭରପୂର ମାତ୍ରାରେ ଭରି ରହିଥାଏ ।

୩- ଆଭୋକାଡୋ :- ଆଭୋକାଡୋରେ ମଧ୍ୟ ଭରପୁର ମାତ୍ରାରେ ପ୍ରୋଟିନ୍ ଥାଏ । ଗୋଟିଏ



ଆଭୋକାଡୋରେ ୪ ଗ୍ରାମ ପ୍ରୋଟିନ୍ ରହିଥାଏ । ଏଥିରେ ପୋଟାସିୟମ୍ , ଫାଇବର ମଧ୍ୟ ରହିଥାଏ। ଯାହା ହାର୍ଟ୍ ପାଇଁ ଭଲ ହୋଇଥାଏ। ଆଭୋକାଡୋ ଅଧିକ କ୍ୟାଲୋରୀଯୁକ୍ତ ଅଟେ। ହେଲେ ଫ୍ୟାଟ୍ ଏବଂ ପ୍ରୋଟିନ୍ ପାଇଁ ଲମ୍ବା ସମୟ ପର୍ଯ୍ୟନ୍ତ ଏହା ପେଟକୁ ଭରି ରଖିଥାଏ । ଖୁବ୍ ଜଲଦି ଭୋକ ହୁଏ ନାହିଁ ।

୪- ବ୍ଲାକବେରୀ :- ବ୍ଲାକବେରୀ କେବଳ ରଙ୍ଗରେ ସୁନ୍ଦର ଏବଂ ସ୍ୱାଦଯୁକ୍ତ ନୁହେଁ ବରଂ ଏହା ପ୍ରୋଟିନଯୁକ୍ତ ମଧ୍ୟ। ଗୋଟିଏ ବ୍ଲାକବେରୀରେ ୨ ଗ୍ରାମ ପ୍ରୋଟିନ୍ ରହିଥାଏ। ଫାଇବର ଭରପୂର ମାତ୍ରାରେ ରହିଥାଏ । ଯେଉଁଥିପାଇଁ ହଜମ ଧୀର ହୋଇଥାଏ ଏବଂ ବ୍ଲଡ୍ ସୁଗାର ମଧ୍ୟ କଣ୍ଟ୍ରୋଲରେ ରହିଥାଏ ।

୫- କୋବି : - କୋବିରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଗୋଟିଏ କୋବିରେ ୨.୧ ଗ୍ରାମ ପ୍ରୋଟିନ୍ ରହିଥାଏ । କୋବିରେ ଭିଟାମିନ୍ ସି ଥିବା ସହ ଡାଇଜେଷ୍ଟିଭ୍ ଏନଜାଇମ୍ ବି ରହିଥାଏ । ଯାହାକି ହଜମ କରିବାରେ ସହାୟକ ମଧ୍ୟ ହୋଇଥାଏ ।

# ଶୀତଦିନେ ଖଜୁରୀ ଶରୀର ପାଇଁ ଅମୃତ: ଖାଇଲେ ମିଳିବ ଚମତ୍କାରୀ ଫାଇଦା

ଶୀତର ଶିତୁଆ ସକାଳେ ଯେତେବେଳେ ଚାରିଆଡେ ଥଣ୍ଡାର ପ୍ରକୋପ ବଢେ, ସେତେବେଳେ ଆମ ଶରୀରକୁ ସୁସ୍ଥ ଓ ଉଷୁମ ରଖିବା ପାଇଁ ପ୍ରକୃତି ଆମକୁ ଅନେକ ଚମତ୍କାରୀ ଉପହାର ଦେଇଛି । ସେହିଭଳି ଏକ ଶକ୍ତିଶାଳୀ ଖାଦ୍ୟ ହେଉଛି ଖଜୁରୀ । ସାଧାରଣତଃ ଆମେ ଏହାକୁ ଏକ କୋଳି ଭାବରେ ଜାଣିଥାଉ, କିନ୍ତୁ ଆୟୁର୍ବେଦ ଶାସ୍ତ୍ରରେ ଏହାକୁ ଏକ ମହୌଷଧିର ମାନ୍ୟତା ଦିଆଯାଇଛି । ବିଶେଷ କରି ଶୀତଦିନେ ଏହାର ସେବନ ଶରୀରକୁ ରୋଗମୁକ୍ତ ରଖିବା ସହ ଅଦ୍ଭୁତ ଶକ୍ତି ପ୍ରଦାନ କରିଥାଏ । ଖଜୁରୀ କେବଳ ଏକ ସ୍ୱାଦିଷ୍ଟ ଡ୍ରାଏ ଫ୍ରୁଟ୍ ନୁହେଁ, ବରଂ ଏହା ଅନେକ ପୋଷକ ତତ୍ତ୍ୱର ଭଣ୍ଡାର । ଏହାର ପ୍ରକୃତି ଗରମ ହୋଇଥିବାରୁ ଏହା ଶରୀରକୁ ଭିତରୁ ଉଷ୍ମତା ପ୍ରଦାନ କରେ । ଏଥିରେ ଥିବା ପ୍ରଚୁର ଆଣ୍ଟି-ଅକ୍ସିଡେଣ୍ଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ, ଯାହାଦ୍ୱାରା ଋତୁକାଳୀନ ଥଣ୍ଡା, କାଶ ଏବଂ ଜ୍ୱର ଭଳି ସମସ୍ୟା ଆମ ପାଖ ମାଡ଼ିନଥାଏ । କେବଳ ସେତିକି ନୁହେଁ, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୂର ଥିବାରୁ ଏହା ହାଡ଼କୁ ମଜବୁତ କରିବା ସହ ଶୀତଦିନେ ହେଉଥିବା ଗଣ୍ଠି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ । ଯେଉଁମାନଙ୍କ ଶରୀରରେ ରକ୍ତହୀନତା ବା ଆଇରନ୍‌ର ଅଭାବ ରହିଛି, ସେମାନଙ୍କ ପାଇଁ ଖଜୁରୀ ଏକ ବରଦାନ ସଦୃଶ । ଏହା ଶରୀରରେ ହେମୋଗ୍ଲୋବିନ୍ ମାତ୍ରା ବଢ଼ାଇବା ସହ ଶାରୀରିକ ଦୁର୍ବଳତା ଦୂର କରି ତୁରନ୍ତ ଏନର୍ଜି ଦେଇଥାଏ । ଏଥିରେ ଥିବା ପ୍ରଚୁର ଫାଇବର ହଜମ ପ୍ରକ୍ରିୟାକୁ ସୁଧାରିବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ସମୂଳେ ବିନାଶ କରିବାରେ ସକ୍ଷମ ।

# ଚପିଙ୍ଗ୍ ବୋର୍ଡ ଯୋଗୁ ରୋଗରେ ପଡୁନାହାନ୍ତି ତ ? ଏଥିରେ ଟଏଲେଟ୍ ସିଟରୁ ଥାଏ ଅଧିକ ବ୍ୟାକ୍ଟେରିଆ !



ରୋଷେଇ ଘରର ଏକ ମହତ୍ତ୍ୱପୂର୍ଣ୍ଣ ଉପକରଣ ହେଉଛି ଚପିଙ୍ଗ୍ ବୋର୍ଡ ଯାହାକୁ କଟିଙ୍ଗ ବୋର୍ଡ ବୋଲି ମଧ୍ୟ କୁହାଯାଏ । ପରିବା କାଟିବା ପାଇଁ ବ୍ୟବହାର ହେଉଥିବା ଏହି ଚପିଙ୍ଗ୍ ବୋର୍ଡ ଦିନରେ ୨ ରୁ ୩ ଥର ବ୍ୟବହାର କରାଯାଏ । ଆଳୁ,ପିଆଜ, ପରିବା କାଟିବା ପାଇଁ ବ୍ୟବହାର ହେଉଥିବା ଏହି ବୋର୍ଡ କଟାକଟି ସରିଲା ପରେ ଶେଷରେ ଧୁଆ ଯାଇଥାଏ । କିନ୍ତୁ କିଛି କିଛି ଲୋକ ଚପିଙ୍ଗ୍ ବୋର୍ଡ ବ୍ୟବହାର ପରେ ଏହାକୁ ଝାଡ଼ିଦେଇ କିମ୍ବା ପୋଛିଦେଇ ରଖିଦିଅନ୍ତି ଏବଂ ବେଳେବେଳେ ବିନା ଧୋଇ ହିଁ ବୋର୍ଡର ବ୍ୟବହାର କରନ୍ତି । କିନ୍ତୁ ଏଭଳି କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ଜାଣିଛନ୍ତି କି ? ଏକ୍ସପର୍ଟଙ୍କ କହିବାନୁସାରେ ଚପିଙ୍ଗ୍ ବୋର୍ଡରେ ଟଏଲେଟ୍ ସିଟଠାରୁ ଅଧିକ ବ୍ୟାକ୍ଟେରିଆ ଥାଏ । ଯାହାକୁ ବ୍ୟବହାର କରିବା ଦ୍ୱାରା ପେଟ ସମ୍ବନ୍ଧୀୟ ରୋଗ ସୃଷ୍ଟି ହୋଇପାରେ । ତେବେ ଏଥିରେ କେତେ ସତ୍ୟତା ରହିଛି ଆସନ୍ତୁ ଜାଣିବା ।

ଡାଏଟିସିୟନ୍ ସୁହାନୀ ସେଠ ଅଗ୍ରୱାଲଙ୍କ କହିବାନୁସାରେ ଚପିଙ୍ଗ୍ ବୋର୍ଡରେ ଇ.କୋଲି ଏବଂ ସାଲ୍ମୋନେଲା ଭଳି ହାନିକାରକ ବ୍ୟାକ୍ଟେରିଆ ରହିଥାଏ । ଏହି ବ୍ୟାକ୍ଟେରିଆ କଞ୍ଚା ମାଂସ ଏବଂ ପରିବା ସଂପର୍କରେ ଆସିଥାଏ । ଏକ୍ସପର୍ଟଙ୍କ କହିବାନୁସାରେ ଚପିଙ୍ଗ୍ ବୋର୍ଡ ଯଦି କାଠର ବ୍ୟବହାର କରୁଛନ୍ତି ତେବେ ଏହାକୁ ଠିକରେ ନ ଧୋଇଲେ ବ୍ୟାକ୍ଟେରିଆର ହଟସ୍ପଟ୍ ହୋଇପାରେ । କାଠ ବୋର୍ଡରେ ଲାଗିଥିବା ସ୍କାରରେ ବ୍ୟାକ୍ଟେରିଆ ଜମା ହୋଇଯାଏ ଏବଂ ଏହା ପରିବାରେ ଲାଗି ଖାଦ୍ୟ ମାଧ୍ୟମରେ ପେଟକୁ ଯାଏ । ଆଉ ତା'ପରେ ଆରମ୍ଭ ହୁଏ ପେଟ ସମ୍ବନ୍ଧୀୟ ରୋଗ । ଖାଦ୍ୟ ଏବଂ ପାଣି ସହ ଏହାର ସମ୍ବନ୍ଧ ଥିବାରୁ ଏଥିରେ ଫଙ୍ଗସ୍ ଏବଂ ବ୍ୟାକ୍ଟେରିଆ ଶୀଘ୍ର ଜମାଟ ବାନ୍ଧିଥାଏ । ଯଦି ଆପଣ ରୋଗରୁ ବଞ୍ଚିବା ପାଇଁ ଚାହୁଛନ୍ତି ତେବେ ସଫାସୁତୁରା ଚପିଙ୍ଗ୍ ବୋର୍ଡର ବ୍ୟବହାର କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ । ଏକ୍ସପର୍ଟଙ୍କ କହିବାନୁସାରେ ଚପିଙ୍ଗ୍ ବୋର୍ଡର ବ୍ୟବହାର କରିବା ପରେ ଆପଣ ଏହାକୁ ଭଲରେ ଗରମପାଣି ଏବଂ ସାବୁନରେ ଧୋଇ ନିଅନ୍ତୁ । ଯଦି ଆପଣ ଚପିଙ୍ଗ୍ ବୋର୍ଡରେ ମାଛ କିମ୍ବା ମାଂସ କାଟୁଛନ୍ତି ତା'ହେଲେ ବୋର୍ଡକୁ ଭଲରେ ଗରମ ପାଣିରେ ଧୁଅନ୍ତୁ । ନଚେତ୍ ଲେମ୍ବୁ କିମ୍ବା ସିରକା ପକାଇ ଗରମ ପାଣିରେ ଘଷି ଘଷି ଧୁଅନ୍ତୁ । ଏହା ଚପିଙ୍ଗ୍ ବୋର୍ଡରୁ ଜୀବାଣୁ ହଟାଇଦେବ । ସଫା କରିବା ପରେ ଖରାରେ ଚପିଙ୍ଗ୍ ବୋର୍ଡକୁ ରଖିଦିଅନ୍ତୁ । ଓଦା ଚପିଙ୍ଗ୍ ବୋର୍ଡରେ ଅଧିକ ବ୍ୟାକ୍ଟେରିଆ ଜନ୍ମ ନେଇଥାଆନ୍ତି । ପରିବା କାଟିଲା ସମୟରେ ଧ୍ୟାନ ରଖନ୍ତୁ ଯେ ଚପିଙ୍ଗ୍ ବୋର୍ଡରେ ଯେମିତି ଅଧିକ କଟା ଦାଗ ନ ରହିବ । ପ୍ରତିଦିନ ବୋର୍ଡକୁ ସଫା କରନ୍ତୁ ଏବଂ ପରିବାରକୁ ରୋଗରୁ ଦୂରେଇ ରଖନ୍ତୁ ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ଶାଖାର ଗଣତନ୍ତ୍ର ଦିବସ ପାଳନ



ବାଲେଶ୍ୱର, ୨୭/୧ (ନି.ପ୍ର): ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ, ବାଲେଶ୍ୱର ଶାଖା ତରଫରୁ ୭୭ତମ ଗଣତନ୍ତ୍ର ଦିବସ ସଭାପତି ଶ୍ରୀ ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଆଡ଼ମ୍ବର ସହକାରେ ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ବାଲେଶ୍ୱର ରେଳଷ୍ଟେସନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପ୍ରାକ୍ତନ ସଭାପତି ଶ୍ରୀ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ସଂଘର ସଭ୍ୟମାନେ ଗଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ନିଜନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅକ୍ଷୟ କୁମାର ପଣ୍ଡା, ସତ୍ୟରଂଜନ ରାଉତ, ସମ୍ପାଦକ ରାମଚନ୍ଦ୍ର ଦାସ, ସହ ସମ୍ପାଦକ ପଦ୍ମନାଭ ସାମଲ, ସଂଗଠନ ସମ୍ପାଦକ ଗଗନ ଚନ୍ଦ୍ର ଦଲେଇଙ୍କ ସମେତ ସଭ୍ୟ ଦଇତାରୀ ମହାନ୍ତ, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଭାଗବତ ଦାସ, ଚମ୍ପା ଟୁଡୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଭିରାମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ୭୭ତମ ଗଣତନ୍ତ୍ର ଦିବସ ପାଳନ



ବାଲେଶ୍ୱର, ୨୭/୧ (ନି.ପ୍ର): ପିଲାମାନେ ମନଲଗାଇ ପାଠ ପଢ଼ିବା ଉଚିତ। ନିଜର ପ୍ରତ୍ୟୁତ୍ପନ୍ନଶୀଳତା ପାଇଁ ପିଲାମାନଙ୍କୁ ଅନେକ କଥା ଜାଣିବାର ଥାଏ। ସେଥିପାଇଁ ଶିକ୍ଷାର ପ୍ରାଥମିକ ଅବସ୍ଥାରେ ଜ୍ଞାନର ବିକାଶ ନିତ୍ୟାନ୍ତ ଦରକାର ଏବଂ ଜ୍ଞାନର ବିକାଶ ନିମିତ୍ତ ଛାତ୍ରଛାତ୍ରୀମାନଙ୍କ କାନ ନିରନ୍ତର ଖୋଲା ରହିବା ଅତ୍ୟନ୍ତ ଆବଶ୍ୟକ ଥାଏ ବୋଲି ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ବର୍ଷୀୟାନ୍ ଉପଦେଷ୍ଟା, ବିଶିଷ୍ଟ ସମାଜସେବୀ / ନୃତ୍ୟ-ସଂଗୀତାଗ୍ରହୀ ଶ୍ରୀମତୀ ଅନସୂୟା ନାୟକ (ନନିଅପା) ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବକାଶରେ ଦେଶର ଜାତୀୟ ତ୍ରିରଙ୍ଗା ଉତ୍ତୋଳନ କରି ନିଜର ଉତ୍ସାହପ୍ରଦ ବକ୍ତବ୍ୟ ରଖିଥିଲେ। ଶିକ୍ଷାନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ଉଚ୍ଛ୍ୱାସପୂର୍ଣ୍ଣ ଜାତୀୟବାଦୀ ପ୍ରେରଣା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲାବେଳେ ଉପସଭାପତି କବି ଶ୍ରୀଦେବ ଛାତ୍ରଛାତ୍ରୀ-ଶିକ୍ଷକ ଶିକ୍ଷୟିତ୍ରୀ-ଅଭିଭାବକମାନଙ୍କୁ ଶୃଙ୍ଖଳା ଅବଲମ୍ବନ କରିବା ପାଇଁ ଆହ୍ୱାନ କରିଥିଲେ। ସର୍ବପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସରୋଜିନୀ ମିଶ୍ରଙ୍କ ପରିଚାଳନାରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ପଣ୍ଡା, ଶିକ୍ଷକ ରଜତ ଦାସ ଅଧିକାରୀ, ଏଚ୍.ଏଚ୍. ଶ୍ରୀରାମ, ଅଜୟ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ସୁବଳ କୁମାର ଦାସ, ଶିକ୍ଷୟିତ୍ରୀ ସସ୍ମିତା ଆଚାର୍ଯ୍ୟ, ଜୀ ସାହିନ୍, ପ୍ରିୟଙ୍କା ବେହେରା, ନାହିଦ୍ ସୁଲତାନା, ଭାଗ୍ୟଲକ୍ଷ୍ମୀ ବେହେରା, ମୋନାଲିସା ପଣ୍ଡା, ଜୟନ୍ତୀ ଦାଶ, ପ୍ରଣିତା ଅଗସ୍ତି, ଆଫ୍ରିନ୍ କାଦ୍ରି, ଅମିତା ସାହା, ଏବଂ ଜ୍ଞାନ ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ର ଦିବସ ପାଳନ କରିବା ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ ସିନ୍ଦୂରୀ ଛକ ଚାଉଳିଆବର ରାସ୍ତାପାର୍ଶ୍ୱ ଜାଲିଓ୍ୱାନା ବାଗ୍ ସ୍ମୃତିଫଳକରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇ ଜାତୀୟତାବାଦୀ ସ୍ଲୋଗାନ୍ ଜରିଆରେ ଆବେଗ ଉଦ୍ଦୀପନାର ସହ ସମାପନ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ନୂଆ ଶିଖରରେ ସୁନା ଓ ରୂପା: ୧.୬୨ ଲକ୍ଷରେ ପହଂଚିଲା ସୁନା ମୂଲ୍ୟ

ନୂଆଦିଲ୍ଲୀ, ୨୭/୧ :ଆଜି ଦେଶୀୟ ସୁନାରୂପା ବଜାରରେ ସୁନା ଏବଂ ଚାନ୍ଦି ପୁନର୍ବାର ନୂତନ ଶିଖରରେ ପହଞ୍ଚିବାରେ ସଫଳ ହୋଇଛି। ସୁନାର ଦର ଆଜି ପ୍ରତି ୧୦ ଗ୍ରାମକୁ ୧,୫୭୦ ଟଙ୍କାରୁ ୧,୭୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସେହିପରି ଚାନ୍ଦି ଦରରେ ପ୍ରତି କିଲୋଗ୍ରାମକୁ ୨୫,୨୦୦ ଟଙ୍କାର ଭାରି ଲମ୍ଫ ଦେଖାଯାଇଛି। ଆନ୍ତର୍ଜାତୀୟ ବଜାରରେ ମଧ୍ୟ ଚାନ୍ଦିର ଦର ୧୧୩.୪୬ ଡଲାର ପ୍ରତି ଆଉନ୍ସ ସ୍ତରକୁ ପହଞ୍ଚିଛି, ଯାହାର ସିଧା ପ୍ରଭାବ ଦେଶୀୟ ସୁନାରୂପା ବଜାରରେ ଚାନ୍ଦିର ମୂଲ୍ୟ ଉପରେ ପଡ଼ିଛି। ସୁନା ଦରରେ ଆସିଥିବା ଏହି ବୃଦ୍ଧି ହେତୁ ଦେଶର ଅଧିକାଂଶ ସୁନାରୂପେ ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମକୁ ୧,୬୧,୯୬୦ ଟଙ୍କାରୁ ୧,୬୨,୧୧୦ ଟଙ୍କା ସ୍ତରରେ ବେପାର ହେଉଛି।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

ଖୋର୍ଦ୍ଧା , ୨୭/୧ (ନି.ପ୍ର): ଆଜି ରାଜ୍ୟ ସରକାର ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ , ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ସଦର ମହକୁମା ବି ଜେ ବି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ରେ ଜିଲ୍ଲାସ୍ତରୀୟ ମୁଖ୍ୟ ଉତ୍ସବ ରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ନିଜ ଅଭିଭାଷଣରେ ଉପମୁଖ୍ୟ ମନ୍ତ୍ରୀ ମା ବରୁଣେଇ, ଶ୍ରୀଜଗନ୍ନାଥ ଏବଂ ଖୋର୍ଦ୍ଧା ପାଇକ ମାଟିକୁ ପ୍ରଣାମ ଜଣାଇଥିଲେ । ଖୋର୍ଦ୍ଧା ବକ୍ସି ଜଗବନ୍ଧୁ, ଦଳ ବେହେରା, ଭ୍ରମରବର ରାୟ, ମାଧବ ଚନ୍ଦ୍ର ରାଉତରାୟ, ଜୟୀ ରାଜଗୁରୁ, କୃତିବାସ ପାଟ୍ଟଶାଣୀ, ଗୋଦାବରିଶ ମହାପାତ୍ର, ଗୋଦାବରିଶ ମିଶ୍ର,ମାୟାଧର ମାନସିଂହ ଙ୍କ



ଆଦର୍ଶ ଓ ବୀରତ୍ୱର ଗାଥା କହୁଥିବା ବେଳେ ଏ ମାଟି ରକ୍ତର ଇତିହାସକୁ ମନେ ପକାଇଥାଏ । ଏ ମାଟିରେ ଭାରତ ବର୍ଷର ପ୍ରଥମ ସଂଗଠିତ ମୁକ୍ତି ସଂଗ୍ରାମ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା। ସାଧାରଣ ତନ୍ତ୍ର ଦିବସ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିବସ । ୧୯୫୦ ଜାନୁୟାରୀ ୨୬ ତାରିଖରେ ଭାରତ ସମାଜବାଦୀ, ସାର୍ବଭୌମ, ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ପାଇଲା । ଆମ ଦେଶ କୌଣସି ଶାସକଙ୍କ ମନମୁଖୀ ନୁହେଁ, ଏହା ଭାରତର ଲୋକମାନଙ୍କ ଶାସନ । ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ଯେଉଁ ବିଶ୍ୱର ସବୁଠାରୁ ମହାନ୍ ସମ୍ବିଧାନ ଲେଖିଛନ୍ତି ସେଥିପାଇଁ ମୁଖ୍ୟ ଅତିଥି ସମସ୍ତ ମହାମନିଷୀ ଙ୍କ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଆହୁରି କହିଥିଲେ ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ ଓଡ଼ିଶାର ଗାଥା କୁ ସମ୍ବିଧାନରେ ପରିପ୍ରକାଶ କରିଥିଲେ । ସ୍ୱପ୍ନ, ଅଭିପସା, ସାମାଜିକ ସଂସ୍କାର, ରାଜନୈତିକ ସ୍ୱାଧୀନତା, ଧର୍ମ ନିରପେକ୍ଷତା, ସମସ୍ତ ମୂଲ୍ୟବୋଧ କୁ ସମ୍ମାନ ଆମ ସମ୍ବିଧାନର ଭିତ୍ତିଭୂମି । ଗଣତନ୍ତ୍ର ସେତେବେଳେ ସସକ୍ତ ହୁଏ ଯେତେବେଳେ ମହିଳା ଶସକ୍ତି କରଣ ବିକାଶ ହୁଏ । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ନିଶ୍ଚିତ ରୋଜଗାର ଅଜିଭିକା ମିଶନ ଗ୍ରାମିଣରେ ମହିଳା ମାନଙ୍କୁ ସର୍ବ ବିକାଶ ମୁଖି ଯୋଜନାରେ ସାମିଲ କରି ଆଗକୁ ବଢ଼ା ଯାଉଛି । ପ୍ରତି ଭଉଣି ମାନଙ୍କୁ ସଫଳ ଉଦ୍ୟୋଗୀ, ଲକ୍ଷ ପତି ଦିଦି, ଅନୁସୂଚିତ ଜନଜାତି ମା ଭଉଣି ମାନଙ୍କ ଓଡ଼ିଶାର ପାରମ୍ପାରିକ ହସ୍ତ ଶିଳ୍ପ ଓ ହସ୍ତ, କୁଟୀର ଶିଳ୍ପ କୁ ବିଶ୍ୱ ସ୍ତରୀୟ କରିବା ପାଇଁ ପ୍ରଚେଷ୍ଟା ଜାରି ଅଛି । ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ପୁଷ୍ଟି ସାଧନ, ଆର୍ଥିକ ପ୍ରଗତି ପାଇଁ ଡିଜିଟାଲ ରୁପାନ୍ତରି କରଣ,୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ, ସେମି କଣ୍ଡକ୍ଟର ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବୟୋଜ୍ୟେଷ୍ଠ ନିମନ୍ତେ ଯୋଜନା, ଖୋର୍ଦ୍ଧାର ନୀଳାମ୍ବୁ ଚିଲିକା, ଅତ୍ରି ଉଷ୍ଣ ପ୍ରସବଣ, ବରୁଣେଇଗଡ, ମଙ୍ଗଳା ଯୋଡ଼ି ଓ ଧଉଳି ପରି ପର୍ଯ୍ୟଟନ ସ୍ଥଳୀ ବିକାଶ ପାଇଁ ଯୋଜନା ପ୍ରସ୍ତୁତ ସରିଛି ଯାହା ବିକଶିତ ଓଡ଼ିଶା ଗଠନ ରୁପାୟନକୁ ବିଶ୍ୱ ସ୍ତରରେ ଆଦୃତ କରିବ । ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି ବିକାଶ, ଜୀବିକା ମିଶନ, ଜଳବାୟୁର ବିକାଶ, ଦାଦନ ଶ୍ରମିକ ରୋକିବା, ପର୍ଯ୍ୟଟନର ଦିବ୍ୟ ଦର୍ଶନ ତୀର୍ଥଯାତ୍ରା ୨୦୪୭ ସୁଦ୍ଧା ପୂର୍ଣ୍ଣ ମାନବ ସମ୍ବଳ ର ବିକାଶ ସରକାର ଲକ୍ଷ୍ୟ ରଖିଛନ୍ତି ଯାହା ଖୋର୍ଦ୍ଧାର ବୀର ମାଟି ପରମ୍ପରାକୁ ସମ୍ପୂର୍ଣ୍ଣ ଋଦ୍ଧିମନ୍ତ କରିବବୋଲି ନିଜ ଅଭିଭାଷଣରେ ଉପମୁଖ୍ୟ ମନ୍ତ୍ରୀ ପ୍ରକାଶ କରିଥିଲେ । ପରେ ଜିଲ୍ଲା ସ୍ତରୀୟ ବିଭିନ୍ନ କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ସଡ଼କ ସୁରକ୍ଷାରେ ଉଲ୍ଲେଖନୀୟ ସେବା ଗୁଡ୍ ସମରିଟାନ ଭାବେ ଜିଲ୍ଲାର ଅମିତ୍ କୁମାର ଦାସ,ବିକ୍ରମ ବିହାରୀ ଏବଂ ଆନ୍ତର୍ଜାତୀୟ କ୍ରୀଡାବିତ୍ ବିଚିତ୍ର ନାୟକଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଜ୍ଞାପନ ମେଢ ପ୍ରତିଯୋଗିତାରେ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା କୃଷି ବିଭାଗ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବିଜେତା ପାଇଁ ଟ୍ରଫି, ସାର୍ଟିଫିକେଟ ଓ ଉପଢ୍ୌକନ ଦେଇ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ସଦାନନ୍ଦ ଜୀ ଥିଲେ ମଣିଷ ଗଢ଼ା କାରଖାନାର ସୁଦକ୍ଷ କାରିଗର



ବାଲେଶ୍ୱର, ୨୭/୧ (ନି.ପ୍ର): ରାଷ୍ଟ୍ରଭକ୍ତ ସଦାନନ୍ଦ ଜୀଙ୍କ ୧୦୫ ତମ ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ କୁରୁଡ଼ା (ବାଲେଶ୍ୱର) କୁରୁଡ଼ା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର,କୁରୁଡ଼ା ରେ ଉଭୟ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ଓ ସଦାନନ୍ଦ ଜୀ ସ୍ମୃତି ପରିଷଦ ତରଫରୁ ମହାନ ରାଷ୍ଟ୍ର ଭକ୍ତ ବିଶିଷ୍ଟ ସମାଜ ସେବୀ ତଥା ବରିଷ୍ଠ ସାମ୍ବାଦିକ ସଦାନନ୍ଦ ଜୀଙ୍କ ଜନ୍ମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସଦାନନ୍ଦ ଜୀ ସ୍ମୃତି ପରିଷଦର ଆବାହକ ଚନ୍ଦ୍ରାଂଶୁ ବାନାର୍ଜୀ ଯୋଗଦାନ କରି ସଦାନନ୍ଦ ଜୀ ଜୀବନୀ ଆଲୋକପାତ କରିବା ସହ ସଦାନନ ଜୀ ଙ୍କୁ ମଣିଷ ଗଢ଼ା କାରଖାନା ର ଜଣେ ସୁଦକ୍ଷ କାରିଗର ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ନିଜ ବକ୍ତବ୍ୟ ରେ ସଦାନନ୍ଦ ଜୀଙ୍କ ରାଷ୍ଟଭକ୍ତି କୁ୨ ରାଷ୍ଟ୍ର ସେବା ଆଗାମୀ ଛାତ୍ର ଓ ଯୁବ ପିଢୀ ମାନଂକୁ ପ୍ରେରଣା ଦେଉଥିବ । ରେମୁଣା ସଂକୁଳ ତଥା ପ୍ରଧାନ ଶିକ୍ଷକ ରମାନନ୍ଦ ମହାପତ୍ର ଅତିଥି ମାନଙ୍କ ର ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥଲେ । ଅନ୍ୟତମ ଅତିଥି ଭାବରେ କୁଡୁଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ପାଦକ ମନୋଜ ପଣ୍ଡା, କଲ୍ୟାଣ ମଞ୍ଚ ସଦସ୍ୟ ବଳରାମ ଗୌଡ଼, ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ମହାନ୍ତି, ସୁବାସ ସସ, ଭରତ ଚନ୍ଦ୍ର ବେହେରା, ଜ୍ୟୋସ୍ତା ରାଣୀ ମହାନ୍ତି ପ୍ରମୁଖ ସଦାନନ୍ଦ ଜୀଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ବିଭିନ୍ନ ବିବେକାନନ୍ଦ ଅନୁଷ୍ଠାନର ପିଲାମାନଙ୍କ ଭିତରେ ଉଭୟ ଜୁନିୟର ଗ୍ରୁପ ଓ ସିନିୟର ଗ୍ରୁପରେ ଦେଶଭକ୍ତି ଗୀତ ଓ ବକ୍ତୃତା ପ୍ରତଯୋଗୀତା ଅନୁଷ୍ଠିତ ହୋଇଥିଲା । ଶେଷ ରେ କୃତି ପିଲା ମାନଂକୁ ପ୍ରମାଣ ପତ୍ର ସହ ପୁରସ୍କାର ଅତିଥି ମାନଙ୍କ ଦ୍ୱରା ପ୍ରଦାନ କରା ଯାଇଥିଲା । ସଦସ୍ୟ ବେଦପ୍ରିୟ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଇରା ଆଦର୍ଶ ଶିକ୍ଷା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ

ଖଇରା, ୨୭/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ମୁଖ୍ୟ ଅତିଥି,ସହକାରୀ ଅଧ୍ୟାପକ ଡ ସୁବ୍ରତ କୁମାର ସେନାପତି ମୁଖ୍ୟବକ୍ତା,ସଂସ୍କୃତ ଅଧ୍ୟାପକ ଦ୍ୱାରିକାନାଥ ଶତପଥି ସମ୍ମାନୀତ ବକ୍ତା,ରାଜସ୍ୱ ପରିଦର୍ଶିକା ଶୁଭଶ୍ରୀ ସାୟଦର୍ଶନୀ ଜେନା ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ସଫଳତା ଲାଭ ଗୁରୁଙ୍କ ଶ୍ରେଷ୍ଠ ଗୁରୁଦକ୍ଷିଣା ବୋଲି କହିଥିଲେ । ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ବିବରଣୀ ପାଠ,ସହକାରୀ ଶିକ୍ଷକ ପ୍ରହଲ୍ଲାଦ ରାୟ ଅତିଥି ପରିଚୟ,ତପନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଏସ ପରୀକ୍ଷାରେ କୃତିତ୍ୱ ଅର୍ଜନକାରୀ ପୁରାତନ ଛାତ୍ରୀ ମୋନାଲିସା ରାଉତ,ଏମବିବିଏସ ଛାତ୍ର ରଶ୍ମିରଞ୍ଜନ ପାଣିଗ୍ରାହୀ, ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ବିଶ୍ୱରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।

# ବଜରଙ୍ଗୀ ସ୍ମାଇଲ ଷ୍ଟାର କ୍ଲବ ପକ୍ଷରୁ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବାସୁଦେବପୁର , ୨୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ଜଗନ୍ନାଥପୁର ମେଳଣ ପଡିଆ ଠାରେ ବଜରଙ୍ଗୀ ସ୍ମାଇଲ ଷ୍ଟାର କ୍ଲବ୍ ପକ୍ଷରୁ ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ୧୦୮ କଳସ ଶୋଭାଯାତ୍ରା, ପୂଜା ପାଠ,ଭଜନ, କୀର୍ତ୍ତନ, ନାମ ସଙ୍କୀର୍ତ୍ତନ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ସୂଚାରୁ ରୂପେ ହୋଇ ଥିଲା। ଏହି ଅବସରରେ ଏହି କ୍ଲବ୍ ର ସଭାପତି ସଞ୍ଜୟ କୁମାର ପୁହାଣ, ଉପ ସଭାପତି ନିଲୁଆ ନାୟକ, ସମ୍ପାଦକ ଖଗେଶ୍ୱର ନାୟକ, ସହ ସମ୍ପାଦକ ରବୀନ୍ଦ୍ର ନାୟକ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ଦିଲ୍ଲୀପ ବାରିକ୍, ତନ୍ମୟ ସେନାପତି, ଦୀପକ କୁମାର



ନାୟକ, ସିଦ୍ଧାର୍ଥ ସେନାପତି,ପ୍ରଦୀପ ସେନାପତି, ମନୋଜ ବାରିକ୍, ଗଗନ ବାରିକ୍ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ ଓ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ପବନ ସୂତ ଜୟ ବଜରଙ୍ଗ ବାଲି, ଜୟ ବୀର ହନୁମାନଙ୍କ ଭଜନ ପରିବେଷଣ କରାଯାଇଥିଲା ଓ ହନୁମାନ ଚାଳିଶା ପାଠ କରା ଯାଇଥିଲା। ଏହି ଆଧ୍ୟାତ୍ମିକ ପରିବେଶରେ ହଜାର ହଜାର ଭକ୍ତ ବନ୍ଧୁ ମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ପୂଜା କମିଟି ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସମସ୍ତେ ମନ ଆନନ୍ଦରେ ପ୍ରସାଦ ସେବନ କରିଥିଲେ। ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ମାନଙ୍କ କଳସ ଶୋଭାଯାତ୍ରାକୁ ଦେଖିବା ପାଇଁ ଅନେକ ଲୋକ ଭିଡ ଜମାଇଥିଲେ।

# ୭୭ ତମ ଗଣତନ୍ତ୍ର ଦିବସ ପାଳିତ

ବାରିପଦା, ୨୭/୧ (ନି.ପ୍ର): ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ରେ ୭୭ ତମ ଗଣତନ୍ତ୍ର ଦିବସ ରେ ଡ଼ଃ ମମତା ଗୁପ୍ତା ଜାତୀୟ ପତକା ଉତ୍ତଳନ କରିଥିଲେ, ଡ଼ଃ ଶ୍ୟାମ ସୁନ୍ଦର ଖଣ୍ଡେଲୱାଲ, ଶ୍ରୀ ଗୟାପ୍ରସାଦ ଖଣ୍ଡେଲୱାଲ,ଶ୍ରୀ ସୁକାନ୍ତ ଜୀଉ,ସରଦାର ହରି ଚରଣ ସିଂହ, ଡ଼ଃ ଅସିମ କୁମାର ଚକ୍ରବର୍ତ୍ତୀ ଯୋଗ ଦେଇ ଗଣତନ୍ତ୍ର ଦିବସ ର ମହତ୍ୱ ଉପରେ କହି ମତ ପ୍ରକାଶ କରିଥିଲେ, ଶ୍ରୀମତୀ ଦେବେନ୍ଦର କୌର,ଶ୍ରୀ ଜ୍ଞାନ ରଞ୍ଜନ ବାରିକ, ଶ୍ରୀ ବୈକୁଣ୍ଠ ବେହେରା, ବିସ୍ମିତା ସେଠି, ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଲ ଡ଼ଃ ଅସୀମ ଚକ୍ରବର୍ତ୍ତୀ ଅତିଥି ପରିଚୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା ।



# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱରରେ ଗଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସକାଳ ଘ. ୮.୩୦ମିନିଟ୍ ସମୟରେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସମବେତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ସଭାପତି ଇଂ. ବନମାଳୀ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି ଇଂ. ନାୟକ ସମସ୍ତଙ୍କୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପ-ସଭାପତି ସୁଦର୍ଶନ ଦାସ ଓ ଦେବେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ ଓ ମୁଖ୍ୟବକ୍ତା ପ୍ରାଧ୍ୟାପକ ଗୌରାଙ୍ଗ ପାତ୍ର ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପାଳ ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ବିଶ୍ୱାଳ ଓ ଡ. କ୍ଷିତୀଶ୍ୱର ଦାଶ, ଦାମୋଦର ନାୟକ, ରଘୁନାଥ ନାୟକ, ଗୌରାଙ୍ଗ ସାହୁ, ବେଣୁଧର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ପାତ୍ର ସ୍ୱାଧୀନତା ପୂର୍ବ ଭାରତର ସ୍ଥିତି, ସ୍ୱାଧୀନତା ଆନ୍ଦୋଳନର ରୂପରେଖ ଓ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମ ଦେଶର ସମ୍ବିଧାନ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ବିଭିନ୍ନ ତଥ୍ୟର ଅବତାରଣା କରି ଏହି ଦୀର୍ଘ ସଂଗ୍ରାମର ଇତିହାସ, ସଂଗ୍ରାମୀମାନଙ୍କର ବଳିଦାନର କାହାଣୀ ଯୁବପିଢ଼ିମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଦେଶପ୍ରତି କର୍ତ୍ତବ୍ୟର ଭାବନା ଜାଗ୍ରତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ସଦସ୍ୟା ପ୍ରଭାତୀ ସେଠୀ, ପ୍ରତିମା ପଣ୍ଡା ଓ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପତାକା ଉତ୍ତୋଳନ ଓ ସଭାରେ ସ୍ୱର୍ଣ୍ଣଲତା ସ୍ୱାଇଁ, ଅନୂପ ଆଚାର୍ଯ୍ୟ, ବସନ୍ତ ନାୟକ, ବୀରେନ୍ଦ୍ର ମହାନ୍ତ, ଭାଗବତ ଦଳାଇ, ଗୌରପ୍ରିୟ ମିଶ୍ର, ଶରତ ବିଶ୍ୱାଳ, ଜ୍ଞାନେନ୍ଦ୍ର ସାହୁ, ରବିନାରାୟଣ ପାତ୍ର, ସଞ୍ଜୟ ପଣ୍ଡା (ଖ), ଗୋବିନ୍ଦ ମାଝୀ, ଅଜୟ ନାୟକ, ନରେଶ ଦାଶ, ନର ନାରାୟଣ ପାଣିଗ୍ରାହୀ, ନରେନ୍ଦ୍ର ପୁହାଣ, ତପନ ପଣ୍ଡା, ମୀନା ସେଠୀ, ହରିହର ଦାସ, ଭାଗୀରଥୀ ମହାନ୍ତି, ପ୍ରଦ୍ୟୁତ ମଣ୍ଡଳ, ଅନନ୍ତ ଦାସ, କୁମୁଦ ପାତ୍ର, ତ୍ରିଦିବ ନାୟକ, ରାମଚନ୍ଦ୍ର ସେଠୀ, ପ୍ରଣିତା ମିଶ୍ର, ସୁରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସେଠୀ, ଇଂ. ଶିବ ପ୍ରସାଦ ବେହେରା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। କେଶବ ଆଚାର୍ଯ୍ୟ, ନିରଞ୍ଜନ ପରିଡ଼ା, ସୁରେନ୍ଦ୍ର ଧଳ, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, କାମିନୀକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକ୍ତେଶ୍ୱର ସେଠୀ, ଶିବ ଶଙ୍କର ନନ୍ଦୀ, ହେମନ୍ତ ଜେନା, ସତ୍ୟନାରାୟଣ ନାୟକ, ନିତ୍ୟାନନ୍ଦ ରାଉତ, ଡା. ତାରାକାନ୍ତ ନନ୍ଦ, ସୁକୁମାର ବେହେରା, ଦିଲ୍ଲୀପ ଚକ୍ରବର୍ତ୍ତୀ, ଶେଖ୍ ଆଲ୍ଲାଉଦ୍ଦିନ୍, ଭବେଶ ପଣ୍ଡା, କେଶବ ମହାନ୍ତି, ପଦ୍ମଲୋଚନ ଦତ୍ତ, କମଳାକାନ୍ତ ନାୟକ, ରବି କୁମାର ପାଣିଗ୍ରାହୀ, ବନ୍ଦନା ପାଲ, ଚିତ୍ତରଂଜନ ଜେନା, ହରେକୃଷ୍ଣ ପଲେଇ, ପୁରୁଷୋତ୍ତମ ବେହେରା, କ୍ଷେତ୍ରମୋହନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ସୁଦର୍ଶନ ଦାସ ଶେଷକଥା ରଖିବା ସହିତ ଧନ୍ୟବାଦ ଦେଇଥିଲେ।

# ଡା.ଯଦୁନାଥ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରସାଳପୁର, ୨୭/୧ (ନି.ପ୍ର): ସଦର ବ୍ଲକ୍ ରସାଳପୁରସ୍ଥିତ ଡା.ଯଦୁନାଥ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧ୍ୟକ୍ଷା ତୃପ୍ତିଲତା ଦାଶ ମହୋଦୟାଙ୍କ ପୌରୋହିତ୍ୟରେ ଉଦ୍ ଯାପିତ ହୋଇଯାଇଅଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାଶ ଯୋଗଦେଇ ନାରୀ ସୁରକ୍ଷା ଓ ନାରୀ ପ୍ରଗତି ନିମନ୍ତେ ବହୁବିଧ ପରାମର୍ଶ ରଖିଥିଲେ। ସଙ୍ଗୀତା ନନ୍ଦ, ଡ.ମନୀଷା ବର୍ଦ୍ଧନ, ଡ.ମଧୁସ୍ମିତା ଦାସ, ଅଜୟ କୁମାର ଦାସ ଓ ସଞ୍ଜୟ କୁମାର ସାହୁ ଆଦି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ନାରୀ ଜାଗରଣ ପାଇଁ ବିଭିନ୍ନ ମନ୍ତବ୍ୟ ପ୍ରଦାନ କରିଥିଲେ। ଦୁଇଗୋଟି ଦଳରେ ୫୫ଜଣ ଛାତ୍ରୀଙ୍କୁ ନେଇ ଏହି ତାଲିମ୍ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ପୁଷ୍ପିତା ପ୍ରଧାନ ଓ ରଞ୍ଜିତା ଶତପଥୀ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ବହୁ ମାର୍ଗ ଦେଖାଇଥିଲେ। ସଂଯୋଜିକା ଡ.ଦୀପିକା ସେନାପତି ନାରୀମାନେ ଶୃଙ୍ଖଳିତ ଓ ସାହସୀ ହେବାପାଇଁ ପରାମର୍ଶ ରଖିଥିବା ବେଳେ ପରିଚାରିକା



ମାନସୀ ଦ୍ୱିବେଦୀ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ୧୫ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ - ୨୦୨୬ ଆୟୋଜିତ



ପାରାଦ୍ୱୀପ , ୨୭/୧ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ଜାନୁଆରୀ ୨୪-୨୫, ୨୦୨୬ ରେ ପାରାଦୀପ ରିଫାଇନରୀ ଟାଉନସିପ୍‌ରେ ୧୫ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରକୃତିର ସୌନ୍ଦର୍ଯ୍ୟ, ନୂତନତ୍ୱ ଏବଂ ସାମୁଦାୟିକ ଭାବନାକୁ ପାଳନ କରିବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ଉଦଘାଟନ କରିଥିଲେ । ପାଇପଲାଇନ୍ ମୁଖ୍ୟ କାର୍ଯ୍ୟାଳୟ ର ED(M&C) ସୁଶ୍ରୀ ମହୁଆ ବସୁ, ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କଲେକ୍ଟିଭ୍, ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭସ୍ କ୍ଲବ୍, ଅଫିସର୍ସ କ୍ଲବ୍ ଏବଂ ଏମ୍ପ୍ଲଇଜ୍ କ୍ଲବ୍ ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ । ୨୦୧୨ ମସିହାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି ପୁଷ୍ପ ପ୍ରଦର୍ଶନୀ, ଆଜି ପାରାଦୀପ ପାଇଁ ଏକ ବିଶେଷ ବାର୍ଷିକ କାର୍ଯ୍ୟକ୍ରମର ରୂପ ନେଇଛି । ପ୍ରାୟ ୨୦,୦୦୦ ବର୍ଗ ମିଟର ଅଞ୍ଚଳରେ ପରିବ୍ୟାପ୍ତ ଏହି ପ୍ରଦର୍ଶନୀରେ ପ୍ରାୟ ୪୦ ପ୍ରକାରର ଫୁଲ ଏବଂ ୧୬ ପ୍ରକାରର ପନିପରିବା ସହିତ ସତେଜ ଏବଂ କୃତ୍ରିମ ଫୁଲ, ବିଭିନ୍ନ ଗଛ, ଫୁଲର ବିଭିନ୍ନ ଆକୃତି ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ରିଫାଇନରୀ ସ୍ମାର୍ଟ ଟାଉନସିପର ସବୁଜ ପରିବେଶ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ପ୍ରାୟ ୪୫,୦୦୦ ଗଛ, ସୁସଜ୍ଜିତ ଉଦ୍ୟାନ ଏବଂ ଆବାସିକ ବଗିଚା ସହିତ ପ୍ରାୟ ୫୦ ପ୍ରତିଶତ ସବୁଜମୟ ଅଂଶ ରହିଛି । ପାରାଦୀପ ରିଫାଇନରୀ ଟାଉନସିପର ନିବାସୀମାନେ ଏବଂ ଉଦ୍ୟାନ ବିଭାଗର ସଦସ୍ୟମାନେ ୩୧ ଟି ପ୍ରତିଯୋଗିତାମୂଳକ ବିଭାଗରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ୧୨୨ ଜଣ ଅଂଶଗ୍ରହଣକାରୀ ପ୍ରାୟ ୩୫୦ ଟି ପ୍ରଦର୍ଶନୀ ଉପସ୍ଥାପନ କରିଥିଲେ । ଅଭିଜ୍ଞ ଉଦ୍ୟାନ ବିଶେଷଜ୍ଞଙ୍କ ଦ୍ୱାରା ବିଚାର କରାଯିବା ପରେ, ବିଜେତାମାନଙ୍କୁ ଏହି କାର୍ଯ୍ୟକ୍ରମ ସମୟରେ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲୁକା କଳା , ଖାଦ୍ୟ ଷ୍ଟଲ୍ ଏବଂ ଭାରତର ବିବିଧତାକୁ ପ୍ରଦର୍ଶିତ କରୁଥିବା ପ୍ରଦର୍ଶନୀ ଷ୍ଟଲ୍ ଗୁଡ଼ିକ ଉତ୍ସବର ରଙ୍ଗ ବଢ଼ାଇଥିଲା। ଏହା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା ଏବଂ ଦୁଇ ଦିନିଆ ପ୍ରଦର୍ଶନୀ ସମୟରେ ଏକ ଉତ୍ସବର ପରିବେଶ ସୃଷ୍ଟି କରିଥିଲା ।

# ବାଲେଶ୍ୱରରେ ଯୋଗର ୨୨ତମ ବାର୍ଷିକ ଉତ୍ସବ ପାଳିତ




ବାଲେଶ୍ୱର, ୨୭/୧ (ନି.ପ୍ର): ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରରେ ତଥା ପବିତ୍ର ଗଣତନ୍ତ୍ର ଦିବସ ଅବସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ୨୦୦୫ ମସିହାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆରମ୍ଭ ହୋଇଥିବା ନିଶୁଳ୍କ ଯୋଗ ଶିବିର ଆଜକୁ ୨୨ବର୍ଷ ଧରି ତାର ସେବା ଜାରି ରଖିଛି । ଯୋଗ ହିଁ ଜୀବନ । ଯୋଗ ଦ୍ୱାରା ମଣିଷ ନିଜକୁ ସମ୍ପୂର୍ଣ୍ଣ ଆରୋଗ୍ୟ କରି ପାରିବ । ଏହିଭଳି ଚିକିତ୍ସା ପଦ୍ଧତିକୁ ଇଂରାଜୀରେ ହୋଲିଷ୍ଟିକ୍ ହିଲିଙ୍ଗ ବୋଲି କହୁଥିବାରୁ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ଭାବରେ ଏହି ଅନୁଷ୍ଠାନଟି ଗଢ଼ି ଉଠିଛି । ବ୍ରାହ୍ମ ମୁହୂର୍ତ୍ତରୁ ଧ୍ୟାନ ଯୋଗ ସହିତ ଆରମ୍ଭ ହୋଇଥିବା ଉତ୍ସବଟି ଏକ ପ୍ରଭାତ ଫେରିରେ ସହର ପରିକ୍ରମା କରି ଗଣତନ୍ତ୍ର ଦିବସକୁ ପାଳନ କରିଥିଲା । ଶେଷରେ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରଫେସର ଡକ୍ଟର ଦିନେଶ ଚନ୍ଦ୍ର ଦାଶଙ୍କ ଦ୍ୱାରା କଲେଜର ପିଲାମାନଙ୍କ ସହିତ ମିଶି ପତାକା ଉତ୍ତୋଳନ ହେଲା ପରେ ଜାତୀୟ ସଂଗୀତ ଗାୟନ ହୋଇଥିଲା । ପରେ ପରେ କବିତା ପାଠ, କ୍ଷୁଦ୍ରଗଳ୍ପ, ଅନୁଭୂତି ବର୍ଣ୍ଣନା ଯୋଗାସନ ପ୍ରଦର୍ଶନୀ, ଶଂଖଧ୍ୱନୀ, ନାଚ ଓ ଗୀତ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲେଶ୍ୱର ପ୍ରତିଷ୍ଠିତ କବି ସେମାନଙ୍କର କବିତା ପାଠ ମାନ କରିଥିବା ବେଳେ କେନ୍ଦ୍ରର ସାଧକ ସାଧିକା ମାନେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ପେଟେଣ୍ଟ ମେଡିସିନକୁ ନାଟ୍ୟରୂପ ଦେଇ ଅଭିନୟ କରିଥିଲେ । ଅପରାହ୍ନରେ ଏକ ସଭାର ଆୟୋଜନ କରାଯାଇଥିଲା । ଯୋଗ କେନ୍ଦ୍ରର ସଭାପତି ଡକ୍ଟର ଜୟସ୍ମିତା ନାୟକ ସଭାପତି ଆସନ ଅଳଂକୃତ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱରର ସବ୍ କଲେକ୍ଟର ଶ୍ରୀ ସିତାଂଶୁ ଶେଖର ଦାସ ମୁଖ୍ୟ ଅତିଥବ, ତାଙ୍କର ସହଧର୍ମିଣୀ ଶ୍ରୀମତୀ ନିରୋଦା କୁମାରୀ ଦାସ, ଅଧ୍ୟାପକ ସନ୍ତୋଷ କୁମାର ରାଉତ, ସାହିତ୍ୟିକ ଶ୍ରୀ ସୃଷ୍ଟିଧର ପରିଡ଼ା, କବି ସୈରିନ୍ଧ୍ରୀ ସାହୁ ସମ୍ମାନିତ ଅତିଥି ତଥା ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସୋନାଲିସା ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପବିତ୍ର ଗଣତନ୍ତ୍ର ଦିବସରେ ଯୋଗ ଦ୍ୱାରା ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ଦ୍ୱାରା ସ୍ୱାଧୀନ ଭାବରେ ଯୋଗଦ୍ୱାରା ନିଜେ ନିଜର ଚିକିତ୍ସକ ହେବାର ସୌଭାଗ୍ୟ ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା । ଏଥିରେ ଯୋଗ କେନ୍ଦ୍ରର ସମସ୍ତ ଶତାଧିକ ସାଧକ ସାଧିକା, ମହାବିଦ୍ୟାଳୟର ଛାତ୍ର, ଶିକ୍ଷକ, କର୍ମଚାରୀ, ସହରର ଅନ୍ୟାନ୍ୟ ଯୋଗ କେନ୍ଦ୍ରର ସାଧକ ସାଧିକା ମାନେ ଅଂଶ ଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦିକା ଶ୍ରୀମତୀ ସୁଶ୍ରୀ ସଂଗିତା ଦାସ ପରିଚାଳନା କରିଥିଲେ । ସାଧାରଣ ସମ୍ପାଦକ ଶ୍ରୀ ରଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ଖଇରା ସାମ୍ବାଦିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ



ଖଇରା, ୨୭/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରବ୍ଲକସ୍ଥିତ ପ୍ରକୋଷ୍ଠ ସମ୍ମୁଖରେ ଖଇରା ସାମ୍ବାଦିକ ସଂଘ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ବରିଷ୍ଠ ସାମ୍ବାଦିକ ବଳରାମ ପଣ୍ଡା ପତାକା ଉତ୍ତୋଳନ କରିବା ଅବସରରେ ଭାରତ ଗଣତନ୍ତ୍ର ରାଷ୍ଟର ମାନ୍ୟତା ପାଇଥିଲେ ହେଁ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥା ରହିଛି । ଏଣୁ ଶାସନ ର ସୁଫଳ ଯେଭଳି ସମସ୍ତ ନାଗରିକଙ୍କ ପାଖରେ ପହଞ୍ଚିବ ଏହା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ସଭାପତି ଉତ୍କଳବନ୍ଧୁ ପଣ୍ଡା,ସାଧାରଣ ସମ୍ପାଦକ ବଳରାମ ଲେଙ୍କା,ଉପସଭାପତି ତପୋଧନ ବାରିକ,ଉପଦେଷ୍ଟା ଅନାମ ଚରଣ ପଣ୍ଡା,ନିରଞ୍ଜନ ବେହେରା,ସଞ୍ଜୟ କୁମାର ବେହେରା,କୋଷାଧକ୍ଷ ଧନଞ୍ଜୟ ପଣ୍ଡା,ସମ୍ଭୁନାଥ ନାୟକ,ବିସ୍ମୟ ବେହେରା,ଦୁର୍ଗାମାଧବ ଓଝା,ଜୟନ୍ତ କୁମାର ରାଉତ,ରଘୁନାଥ ସାମଲ,ଉମେଶ କୁମାର ଜେନା ଓ ଯୁବ ସଙ୍ଗଠକ ତପନ କୁମାର ବୈଶାଖ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚୁପାଲିରେ ସାଧାରଣତନ୍ତ୍ର ଦିବସ ପାଳିତ

ଲଙ୍ଗଳେଶ୍ୱର, ୨୭/୧ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତର ଶିବମନ୍ଦିର ପ୍ରାଙ୍ଗଣରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହେଇଯାଇଛି ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାଜ ସେବୀ ଚକ୍ରଧର ଗିରି, କୈଳାସ ପ୍ରଧାନ,ଅନାଦି ବେହେରା, ଧର୍ମପଦ ଗିରି, ରବିନ୍ଦ୍ର ଗିରି, ଦିଲିପ୍ କୁମାର ପଣ୍ଡା, କମଳାକାନ୍ତ ପ୍ରଧାନ, ବିମଳ ଦାସ,ବେଣୁଧର ଗିରି, ନିମାଇଁ ସାହୁ,ଆଦିକନ୍ଦ ନାୟକ, ରାମ ରଞ୍ଜନ ରାଉତ, ଶତୃଘ୍ନ ଗିରି, ସାରଦା ଗିରି, ବରେନ୍ଦ୍ର ମଲ୍ଲିକ, ଚନ୍ଦନ ପତି, ମାଳତୀ ବାରିକ, ରାମେଶ୍ୱର ଗିରି, ବିଷ୍ଣୁପଦ ଗିରି, ଉମେଶ ଗିରି ପ୍ରମୁଖ ଯୋଗ ଦେଇ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ବାଇକ୍ ଆରୋହୀଙ୍କୁ ଉଦ୍ଧାର କଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୭/୧ (ନି.ପ୍ର): ଦୁର୍ଘଟଣା ଗ୍ରସ୍ତ ବାଇକ ଆରୋହୀଙ୍କ ପାଇଁ ରାହାବୀର ପାଲଟିଲେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଗୋପାଳପୁର ନିକଟସ୍ଥ ଅଙ୍କୁଲି ବାଇପାସ୍ ପାଖରେ ଜଣେ ବାଇକ ଚାଳକ ଦୁର୍ଘଟଣାରେ ଆହତ ହୋଇ ସଙ୍କଟପୂର୍ଣ୍ଣ ଅବସ୍ଥାରେ ପଡିଥିବାର ଦେଖି ସାଥୀ କର୍ମକର୍ତା ଙ୍କ ସହାୟତାରେ ମନ୍ତ୍ରୀ ଉଦ୍ଧାର କରିବା ସହ ନିଜ ସହିତ ଥିବା ପୋଲିସ ଏସକର୍ଟ ଗାଡିରେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତରଣ କରାଇଛନ୍ତି। ଏହା ସହ ମେଡିକାଲରେ ତୁରନ୍ତ ଚିକିତ୍ସା ସୁବିଧା ଦେବା ପାଇଁ ମେଡିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଗ୍ରୀଆ ମହୋତ୍ସବରେ ରକ୍ତଦାନ ଶିବିର



ବେତନଟୀ, ୨୭/୧(ନି.ପ୍ର): ବେତନଟୀ ବ୍ଲକ୍ ଅଧୀନ ଆଗ୍ରିଆରେ ବୀଣାପାଣି ଯୁବକ ସଂଘ ପକ୍ଷରୁ ଚାଲିଥିବା ୨୩ ତମ ଆଗ୍ରିଆ ମହୋତ୍ସବ-୨୦୨୬ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ଆୟୋଜିତ ଶିବିର ରେ ମୁଖ୍ୟଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଶିବିରକୁ ଉଦ୍‌ଘାଟନ କରି ରକ୍ତ ଦେଇ ଅନ୍ୟର ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କ୍ଲବ୍‌ର ଉପଦେଷ୍ଟା ରବୀନ୍ଦ୍ର କୁମାର ମହାନ୍ତି, କ୍ଲବର ସଭାପତି ଶିବନାରାୟଣ ଘୋଷ, ଯୁବ ସଂଗଠକ ଚନ୍ଦ୍ରଶେଖର ବେରା, ବେତନଟୀ ବ୍ଲକ୍ ସାମ୍ବାଦିକ ସଂଘ ଉପସଭାପତି ଗତିକୃଷ୍ଣ ମହାନ୍ତ, ଯୁବନେତା ବିକାଶ ଦାସ, ସଂଜୀବ ଜେନା, କେଶବ ନାଥ, ମନୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ବୀଣାପାଣି ଯୁବକ ସଂଘର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଶିବିରରୁ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦା ରକ୍ତକେନ୍ଦ୍ର ଅଧିକାରୀ ଡ. ଏଲିସା ସାହୁ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସିଂଙ୍ଗ ଅଫିସର ରୁଚିକା ଖୁରାନା, ଛବି ମହାନ୍ତ , ନିତିଶ କୁମାର ସାମଲ, ସତ୍ୟଜିତ ମହାନ୍ତ , କରୁଣାକର ଜେନା, ସକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୋଦ ନାୟକ, ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ, ରଞ୍ଜିତ ବାରିକ, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା, ବୀରକିଶୋର ବିଶ୍ୱାଳ, ଦିଲ୍ଲୀପ ମହାନ୍ତି, କେଶବ ନାଥ, ସୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ସୁଶାନ୍ତ ଭୋଇ, ପ୍ରକାଶଜ୍ୟୋତି ପ୍ରଧାନ, ସୁଶାନ୍ତ ବାରିକ, ବିଶ୍ୱଜିତ ପରିଡ଼ା, ସୁଜିତ ଜେନା, ପୀତବାସ ଦେହୁରୀ, ଇନ୍ଦ୍ରଜିତ ଓଝା, ବିକ୍ରମ ନାଥ, ସରୋଜ ଦେହୁରୀ, ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ସୁଜିତ ଜେନା, ବିଜୟ ଜେନା, ଶୁଭମ ନାୟକ, ନରେନ୍ଦ୍ର ପରିଡ଼ା, ମନୋରଞ୍ଜନ ରାଉତ, ପ୍ରଦୀପ ଜେନା, ଜିତେଶ ନାୟକ, ଧୀରଜ ସାହାଣୀ, ଅଜିତ ବେହେରା, ଭବାନୀ ଶଙ୍କର ପରିଡ଼ା, ସତ୍ୟପ୍ରିୟ ପ୍ରଧାନ, ରବୀନ୍ଦ୍ର ମହାନ୍ତି,ଲଳିତ ମହାନ୍ତ, ଯଶୋବନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କ୍ଲବ୍ ସମ୍ପାଦକ ଜୀବନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ



ପାରାଦ୍ୱୀପ , ୨୭/୧ (ନି.ପ୍ର): ପାରାଦୀପ ରିଫାଇନରୀରେ ୭୭ ତମ ସାଧାରଣତନ୍ତ୍ର ଦିବସ ଦେଶପ୍ରେମ ଓ ଉତ୍ସାହ ସହିତ ପାଳନ କରାଯାଇଥିଲା । ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ପାରାଦୀପ ରିଫାଇନରୀ ଟାଉନସିପର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ କୌଶିକ ବସୁ, ଆମ ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପାରାଦୀପ ରିଫାଇନରୀ ଏହି ଅଞ୍ଚଳର ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇଛି ଏବଂ PX-PTA, AV Gas, ପାରାଦ୍ୱୀପ ପେଟ୍ରୋ କେମିକାଲ କମ୍ପ୍ଲେକ୍ସ ଭଳି ନୂତନ ପ୍ରକଳ୍ପଗୁଡିକ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି କାହାଣୀରେ ଏକ ନୂଆ ପଥ ସୃଷ୍ଟି କରିବ । ଏହି ଅବସରରେ, ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବ୍ୟବହାର ପାଇଁ ୨୦ ଟି ଇ-ରିକ୍ସା ପ୍ରଦାନ କରାଯାଇଥିଲା, ଯାହା ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହନ ଦେବା ସହ ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଶ୍ରୀ ବସୁ, ନିକଟବର୍ତ୍ତୀ ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଇଣ୍ଡିଆନ୍ ଅଏଲ୍ ଆରୋଗ୍ୟମ୍ ଯୋଜନା ଅଧୀନରେ ଚାରୋଟି ମୋବାଇଲ୍ ମେଡିକାଲ୍ ୟୁନିଟ୍ କୁ ପତାକା ଦେଖାଇ ଶୁଭାରମ୍ଭ ମଧ୍ୟ କରିଥିଲେ। ଡିପିଏସ୍ ପାରାଦୀପର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ ପ୍ରଦର୍ଶନୀ ସହିତ ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

# ବୈଶିଙ୍ଗା ବିଇଡି ଓ ଓସିଏ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ

ବୈଶିଙ୍ଗା , ୨୭/୧ (ନି.ପ୍ର): ସାରା ଦେଶରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିବା ପରିପେକ୍ଷୀରେ ବୈଶିଙ୍ଗା ସ୍ଥିତ ବିଇଡି ଓ ଓଡିଶା କମ୍ପୁଟର ଏକାଡେମୀ ଆନୁକୂଲ୍ୟରେ ଏହି ସାଧାରଣତନ୍ତ୍ର ଦିବସ ପାଳନ କରାଯାଇ ଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହିତ ଏକତାର ଭାବନାକୁ ବଖାଣି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ନିର୍ଭୟର ସାମ୍ବାଦିକ ସୀତାନାଥ ବେହେରା , ଅବସର ପାପ୍ତ ଶିକ୍ଷକ ତଥା ପ୍ରଗତିବାଦୀ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ଅବସର ପ୍ରଶାସନ ଅଧିକାରୀ ମହେନ୍ଦ୍ର କୁମାର ସାହୁ, ବିମଳେନ୍ଦୁ ମହାପାତ୍ର, ବିଜେପି ନେତା ଲକ୍ଷ୍ମୀଧର ଦଣ୍ଡପାଟ ପ୍ରମୂଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଇଡି ଡାଇରେକ୍ଟର ମଧୁସୁଦନ ମହାନ୍ତି ଉପସ୍ଥିତ ପିଲାମାନଙ୍କୁ ସମ୍ବୋଧିତ କରିଥିଲେ କ୍ଷ ଓସିଏ ପରିଚାଳକ ବଳରାମ ମହାନ୍ତି ଓ କମ୍ପୁଟର ଛାତ୍ର/ଛାତ୍ରୀ ମାନେ ସହଯୋଗ କରିଥିଲେ ।

# ଇଫଂକୋ ପାରାଦୀପ ୟୁନିଟ୍ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦୀପ, ୨୭/୧ (ନି.ପ୍ର): ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହତ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏସଆଇଏସ୍, ଡିଏଭି ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରି ଶ୍ରୀ ପଟେଲ୍ ଦେଶରେ ସାର ଆବଶ୍ୟକତାର ୨୦ ପ୍ରତିଶତ ଇଫକୋ ଯୋଗାଉଥିବା କହିଥିଲେ । ଇଫକୋର ୫ ଗୋଟି ୟୁନିଟ୍ ଦେଶର କୃଷକମାନଙ୍କ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଇଫକୋ କୃଷକମାନଙ୍କ ନିକଟରତ ହୋଇ ମୃତ୍ତିକା ପରୀକ୍ଷଣ କରି ଜମି ଆବଶ୍ୟକ କରୁଥିବା ସାର ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛନ୍ତି । ଆଜି ଦେଶର କୃଷକମାନଙ୍କର ଏକ ନମ୍ବର ସାର ଉତ୍ପାନକାରୀ ସଂସ୍ଥା ଭାବେ ବିଶ୍ୱାସଭାଜନ ହୋଇପାରିଛି । ପାରାଦୀପ ୟୁନିଟ୍‌ର ମୁଖ୍ୟ ପି.କେ. ମହାପାତ୍ରଙ୍କ ତତ୍ୱାବଧାନରେ ଇଫକୋ ଭଲ କାମ କରୁଥିବା ନେଇ ଶ୍ରୀ ପଟେଲ୍ କହିଥିଲେ । ପାରାଦୀପ ୟୁନିଟ୍ ନିଜର ଦକ୍ଷତା ବୃଦ୍ଧି କରି ଏକ ସ୍ୱତନ୍ତ୍ର ଉତ୍ପାଦନକାରି ସଂସ୍ଥା ହୋଇପାରିଛି । ଇଫକୋ ଦ୍ୱାରା ପ୍ରସ୍ତୁତ ଇଫକୋ ନାନୋ ୟୁରିଆ ଓ ନାନୋ ଡିଏପି ଏକ ଯୁଗାନ୍ତକାରୀ ଉତ୍ପାଦନ ଭାବେ ସମଗ୍ର ଦେଶରେ କୃଷକମାନଙ୍କର ସହାୟକ ହୋଇ ପାରିଛି । ଏହାର ଉପଯୋଗ ଦ୍ୱାରା ପରିବେଶ ପ୍ରଦୁଷଣର ମାତ୍ରା କମ୍ ହେଉଛି । ବିପର୍ଯ୍ୟୟ ସମୟରେ ଇଫକୋ ସବୁଠୁଁ ଆଗରେ ଠିଆ ହୋଇ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ଶ୍ରୀ ପଟେଲ କହିଥିଲେ । ଏହି କାର୍ଯ୍ୟକ୍ରମରେ ଇଫକୋର ପ୍ରଥମ ମହିଳା ମମତା ପଟେଲଙ୍କ ସମେତ ଇଫକୋ ଅଧିକାରୀ ସଂଘ ସଭାପତି ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁିଆ, ଇଫକୋ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ତୃପ୍ତି ରଂଜନ ପୁହାଣ ଉପସ୍ଥିତ ଥିଲେ । ଇଫକୋ ଟାଉନସିପ୍ ?ର ଅନ୍ତେବାସୀ ବହୁ ସଂଖ୍ୟାରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଡେପୁଟି ମ୍ୟାନେଜର ବି.କେ.ପରିଡା ।

# ବାଉଁଶବଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ




ନୀଳଗିରି, ୨୭/୧ (ନି.ପ୍ର): ଔପଦା ପଞ୍ଚାୟତସମିତି ଅନ୍ତର୍ଗତ ବାଉଁଶବଣିଆ ଗ୍ରା ପ . ପରିସରରେ ଏକବର୍ଣ୍ଣାଢ୍ୟ ପରିବେଶରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ସାଧାରଣତନ୍ତ୍ର ଦିବସଟିକୁ ଉତ୍ସବମୁଖରିତ କରିବାପାଇଁ ବାଉଁଶବଣିଆ ଗ୍ରାମପଞ୍ଚାୟତ ଦ୍ୱାରା ବିଗତ ୧୯୯୨ ମସିହାରେ ଗଠନ କରାଯାଇ ଅଦ୍ୟାବଧି ଜାତୀୟ ଦିବସ କମିଟି ତରଫରୁ ଅନୁଷ୍ଠିତ ହୋଇଆସୁଛି। ଆଜିର ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଗ୍ରାମପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ କବି ଶରତ ଚନ୍ଦ୍ର ମହାପାତ୍ର ନୀଳଗିରି ଗଡଜାତ ସମ୍ପର୍କରେ ଅନେକ ଅବଧାରଣା ସହିତ ଲୁଚିଯାଇଥିବା କାହାଣୀକୁ ବକ୍ତବ୍ୟରେ ରଖିଥିଲେ । ଏହି ସମାରୋହର ଆୟୋଜକ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ମଞ୍ଚାସୀନ ହୋଇ ବକ୍ତବ୍ୟ ରେ କହିଥିଲେ କି ଭାଇଚାରା ସୃଷ୍ଟିକରିବା ପାଇଁ ସେଦିନ ସରପଞ୍ଚ ଥାଇ ଗଠନ କରିଥିବା ଜାତୀୟଦିବସ କମିଟି ଆଜିର ପରିପକ୍ୱ ଅବସ୍ଥାରେ ବାଉଁଶବଣିଆ ଗ୍ରାମ ପଞ୍ଚାୟତର ସାଧାରଣ ଲୋକଙ୍କୁ ସୁଖ ବାଣ୍ଟିବାରେ ସହାୟକ ହୋଇପାରିଛି । ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଜାତୀୟଦିବସ କମିଟିର ସଭାପତି ରାମଚନ୍ଦ୍ର ବେହେରା । ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଅଜୟ ପଟ୍ଟନାୟକ, ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଉପେନ୍ଦ୍ର ପାତ୍ର, ନାଏବ ସରପଞ୍ଚ ସୁପ୍ରଭା ପ୍ରଧାନ, ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ପୂର୍ବତନ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ରଘୁନାଥ ଜେନା, ସମିତି ସଭ୍ୟ ଶୁଭେନ୍ଦୁ ସ୍ୱାଇଁ,ସେବାସମବାୟ ସମିତିର ସଭାପତି ରାମଚନ୍ଦ୍ର ଦାସ, ଅବସରପ୍ରାପ୍ତ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ମୁକ୍ତିକାନ୍ତ ପାତ୍ର, ସାଧାରଣତନ୍ତ୍ର ସମ୍ପର୍କରେ ଉପସ୍ଥିତ ଥିବା ବିଦ୍ୟାଳୟର ଛାତ୍ର/ଛାତ୍ରୀ, ବୁଦ୍ଧିଜୀବୀ, ଉପସ୍ଥିତ ଥିବା ୧୫୦୦ର ଅଧିକ ସାଧାରଣ ବ୍ୟକ୍ତିଙ୍କୁ ବିମୋହିତ କରିଥିବା ଦେଖା ଯାଇଛି ।ଶେଷରେ ବାଉଁଶବଣିଆ ଗ୍ରାମ ପଞ୍ଚାୟତର ଯୁବ ବିଜ୍ଞାନୀ ପ୍ରୀତିସ୍ମା ରାଉତ, ଅନ୍ୟତମ ଯୁବ ଉଦ୍ୟୋଗୀ ନୀଳାମ୍ବର ବେହେରାଙ୍କୁ ସମ୍ମାନିତ କରାଯାଇ ଥିବା ବେଳେ ଅବସରପ୍ରାପ୍ତ ସେନାଅଧିକାରୀ ଯୋଗେଶ୍ୱର ବେହେରା, ଉନ୍ନତଚାଷୀ ରବୀନ୍ଦ୍ର ନାୟକ, ଗଣମାଧ୍ୟମ ପ୍ରତିନିଧି ପ୍ରଫୁଲ୍ଲ ମହାନ୍ତି, ବିଭୁତି ଭୁଷଣ ବେହେରା, ନିହାର ରଞ୍ଜନ ଜେନା, ରତିକାନ୍ତ ପରିଡା,ଜଗନ୍ନାଥ ଦାସ ପ୍ରମୁଖ ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ୬୩ ଜଣ ଛାତ୍ର/ଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଗ୍ରାମ ପଞ୍ଚାୟତ ସ୍ତରୀୟ ଏସ ଏଚ ଜି ମହିଳାଙ୍କ ଦ୍ୱାରା ପ୍ରତିଯୋଗିତା କରାଯାଇଥିବା ବକ୍ତୃତା, ସଙ୍ଗୀତ, ରଙ୍ଗୋଲି, ଶଙ୍ଖଧ୍ୱନି, ହୁଳହୁଳି ଓ କାନ୍ଦଣାରେ ବିଜୟୀ ହୋଇଥିବା ୧୮ ଜଣ ଏସ ଏଚ ଜି ମହିଳାଙ୍କୁ ସମ୍ମାନିତ କରାଯାଇଥିଲା ।

ବୁଧବାର, ୨୮ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


# ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ

ବୈଶିଙ୍ଗା , ୨୭/୧ (ନି.ପ୍ର): ଅଦ୍ୟ ୨୬ ଜାନୁଆରୀ ୨୦୨୬ ତାରିଖରେ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ଗର୍ବ ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି ପବିତ୍ର ଅବସରରେ ଆମ ବିଦ୍ୟାଳୟର ମାନ୍ୟବର ଅଧ୍ୟକ୍ଷ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ମହୋଦୟ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ସଭାକୁ ସମ୍ବୋଧନ କରିଥିଲେ। ସେ ଗଣତନ୍ତ୍ରର ମୂଲ୍ୟ, ସଂବିଧାନର ମହତ୍ତ୍ୱ ଏବଂ ଦେଶପ୍ରେମର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଦେଶର ସଂବିଧାନକୁ ସମ୍ମାନ ଦେବା ଓ ଭାରତକୁ ଏକ ସଶକ୍ତ, ସଂଘଟିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ସଙ୍କଳ୍ପ ନେଇଥିଲେ।



# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୧ (ନି.ପ୍ର): ପାରାଦୀପ ସ୍ଥିତ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୭ ତମ ସାଧାରତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜେଏସଡବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ କିନଶୁକ ରୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ। ଭାରତ ବର୍ଷର ଐତିହ୍ୟ,ତଥା ବିଭିନ୍ନ ଦିଗରେ ଏହାର ଉତ୍କର୍ଷତା ଆଜି ଅନେକ ସଫଳତା ଆଣି ପାରିଛି।ଏଥି ସହିତ ଜେଏସଡବ୍ଲୁ କମ୍ପାନୀର ଆଭିମୁଖ୍ୟ ଓ ଏହାର




ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ।ଏହି ଅବସରରେ କମ୍ପାନୀର ସୁରକ୍ଷା ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ସୁରକ୍ଷା କର୍ମଚାରୀ ମାନଙ୍କ ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ପ୍ରୋଜେକ୍ଟ ହେଡ ରାକେଶ କୁମାର ଓଝା,ଏଚଆର ଆଣ୍ଡ ଆଡମିନ ହେଡ ହେମ ପାଣ୍ଡେ ଙ୍କ ସମେତ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ସାମାଜିକ ସଂଗଠନ 'ଚେତନା' ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ




ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ସହରର ବିଦ୍ୟୁତ୍ ମାର୍ଗ ନିକଟ ଧଉଳୀ ନଗରସ୍ଥିତ ସାମାଜିକ ସଂଗଠନ 'ଚେତନା'ର କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସଂଗଠନର ଉପସଭାପତି ସିଦ୍ଧାନ୍ତ ଶେଖର ରାଉଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ । 'ଚେତନା'ର ସଂପାଦକ ତଥା ଆଇନଜୀବୀ ପର୍ଶୁରାମ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଉପଦେଷ୍ଟା ମୁରଲୀଧର ନାୟକ ଅନୁଷ୍ଠାନର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟାବଳୀ ବିଷୟରେ ସମ୍ୟକ୍ ସୂଚନା ଦେବା ସହ ସମ୍ବିଧାନ ଅନୁଯାୟୀ ମୌଳିକ କର୍ତ୍ତବ୍ୟ କରିବାକୁ ପ୍ରେରଣା ଦେଇଥିଲେ । ଆଡ୍‌ଭୋକେଟ୍ ତଥା ରୋଟାରିଆନ୍ ଯଶୋଦା ନନ୍ଦନ ଆଶ, ଗୌରାଙ୍ଗ ସୁନ୍ଦର ଦାସ, ମାୟାଧର ବିଶ୍ୱାଳ, ଉତ୍ତମ କୁମାର ମାଇତି, ଫୁଲକେଶ ଖ୍ରୀଷ୍ଟିଆନ, ସେକ୍ ଲତୁଫର ରହେମାନ, ଶିବ ନାରାୟଣ ଜେନା ପ୍ରମୁଖ ବନରାଜ୍ୟ ଦିବସ ପାଳନର ତାତ୍ପର୍ଯ୍ୟ ବାବଦରେ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପିତାମ୍ବର ଶତପଥୀ, ଶିକ୍ଷୟିତ୍ରୀ ସ୍ନେହଲତା ରଥ, ଅନଙ୍ଗ ମଞ୍ଜରୀ ବେହେରା, ପ୍ରକାଶ ସାଇମନ ପ୍ରମୁଖ ୩ ଦଶନ୍ଧି ଧରି 'ଚେତନା'ର ସାଧୁ ପ୍ରୟାସକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଆଡଭୋକେଟ୍ ବାଞ୍ଛାନିଧି ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସାଧାରଣତନ୍ତ୍ର ଦିବସ ପାଳିତ

ବସ୍ତା , ୨୭/୧ (ନି.ପ୍ର):ବସ୍ତା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପବିତ୍ର ସାଧାରଣରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଅମର୍ଦାରୋଡ ୟୁନାଇଟେଡ କାଲଚୁରାଲ ଏଣ୍ଡ ସ୍ପୋର୍ଟସ ଆସୋସିଏସନ ବରିଷ୍ଠ ସଦସ୍ୟ ରାଜକିଶୋର ମହାନ୍ତିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସଭାପତି ସଫଲ୍ୟ କୁମାର ନନ୍ଦୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପୂର୍ବତନ ଜଳେଶ୍ୱର ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ,ସମ୍ପାଦକ ଉମେଶ ପ୍ରଧାନ ସମେତ ଆସୋସିଏସନ ସମସ୍ତ ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବି ଯୋଗଦେଇ ନିଜ ନିଜ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ।ସେହିପରି ବସ୍ତା ବ୍ଲକରେ ବି ଡି ଓ ମିହିର ରଞ୍ଜନ ବେହେରା,ବସ୍ତା ତହସିଲରେ ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ,ବସ୍ତା ଏସ ଡି ପି ଓ କାର୍ଯ୍ୟାଳୟରେ ଏସ ଡି ପି ଓ ମାନସ ରଞ୍ଜନ ଦେଓ,ବସ୍ତା ଥାନାରେ ଆଇ ଆଇ ସି ରଞ୍ଜିତ କୁମାର ସାହୁ, ଅମର୍ଦାରୋଡ ଆଉଟପୋଷ୍ଟରେ (ଫାଣ୍ଡି)ରେ ଏସ ଆଇ ବିଜୟ କୁମାର ବାରିକ, ସିଦ୍ଧେଶ୍ୱର ଡିଗ୍ରୀ କଲେଜରେ ଅଧକ୍ଷ ଡ:ବେଣୁଧର,ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟରେ ରାଜେଶ କୁମାର ସେଠୀ,ଉତ୍କଳ ଭାରତୀ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ନନ୍ଦିତା ମହାନ୍ତି,ନଟାକଟା ପଞ୍ଚାୟତ ଓ ସମବାୟ ସମିତିରେ ଯୁଗ୍ମ ଭାବେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିବା ବେଳେ ନଟାକଟା ପଞ୍ଚାୟତର ସରପଞ୍ଚ ବନ୍ଦନା ସେଠୀ ବସ୍ତା ପ୍ରେସ କ୍ଲବ ରେ ଅଫିସ ସଂପାଦକ ସୁଶାନ୍ତ ପ୍ରଧାନ ବସ୍ତା ବିବେକାନନ୍ଦ ଶିକ୍ଷ୍ୟା କେନ୍ଦ୍ର ସାଭାପତି ଶଙ୍କର କୁମାର କର ପତାକା ଉତ୍ତୋଳନ କରି ଥିଲେ। ଏହି ଅବସରରେ ବିଭିନ୍ନ ଟ୍ୟୁଟୋରାଲ ଛାତ୍ର/ଛାତ୍ରୀ ମାନେ ବିଶାଳ ରାଲିରେ ବାହାରି ଭାରତ ମାତା କି ଜୟ ସ୍ଲୋଗାନ ଦେବା ସହିତ ବାଜାର ତାଳେ ତାଳେ ଦେଶାତ୍ମକ ବୋଧ ସ୍ଲୋଗ୍ଲାନ ଦେଇ ଗ୍ରାମ ଓ ବଜାର ପରିକ୍ରମା କରିଥିଲେ।

# ବିଷାକ୍ତ ପାଲଟୁଛି କାଳ ଓ ସୁନେଇ ବନ୍ଧର ଜଳ

## ଦେଖିବାକୁ ମିଳୁନାହିଁ ପାଣିକୁଆ ଓ ବଗଙ୍କ ମେଳ

ଉଦଳା , ୨୭/୧ (ନି.ପ୍ର): କପ୍ତିପଦା ବ୍ଲକ ଅଂଚଳ ମଧ୍ୟରେ ରହିଛି 'କାଳ' ଓ 'ସୁନେଇ' ନାମକ ୨ଟି ବନ୍ଧ । ଏହି ଦୁଇଟି ବନ୍ଧ ବିସ୍ତୃତ ଅଂଚଳର ଚାଷ ଜମିକୁ ପାଣି ଯୋଗାଇ ଦେବା ଫଳରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି । ସେହିପରି ବନ୍ଧ ଦୁଇଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବର୍ଷ ତମାମ ଏଠାକୁ ପର୍ଯ୍ୟଟକ ମନେ ଆସୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏହା ସ୍ଥାନୀୟ ଅଂଚଳବାସୀଙ୍କ ଆର୍ଥିକ ଅବସ୍ଥା ସ୍ୱଛଳ କରିବାରେ ମୁଖ୍ୟ ଭୂମିକା ନେଇଛି । ଉକ୍ତ ଦୁଇଟି ଯାକ ବନ୍ଧରେ ଶହ ଶହ ସଂଖ୍ୟାରେ ପାଣିକୁଆ ଓ ବଗଙ୍କ ମେଳର ମନୋରମ ଦୃଶ୍ୟ ପର୍ଯ୍ୟଟକ ମାନଙ୍କୁ ବେଶ ଆକୃଷ୍ଟ କରିଥାଏ । ପାଣିକୁଆ ଓ ବଗଙ୍କ କଳରବରେ ମୁଖରିତ ହୋଇ ଉଠେ ଏଠାକାର ପରିବେଶ । ସୁନ୍ଦର ପ୍ରାକୃତିକ ସୌନ୍ଦର୍ଯ୍ୟର ମନୋମୁଗ୍ଧକର ଦୃଶ୍ୟ ଖେଳାଇ ଦେଇଥାଏ ଭିନ୍ନ ସ୍ୱାଦର ଆନନ୍ଦ । କିନ୍ତୁ ବିଗତ କିଛି ବର୍ଷ ହେବ ଏଠାରେ ପାଣିକୁଆ ଓ ବଗ ଆଦୌ ଦେଖିବାକୁ ମିଳୁ ନାହାଁନ୍ତି । ଫଳରେ ପ୍ରାକୃତିକ ସୌନ୍ଦର୍ଯ୍ୟର ମନୋମୁଗ୍ଧକର ଦୃଶ୍ୟ ଆଜି ଏଠାରେ ସ୍ୱପ୍ନ ପାଲଟି ଯାଇଛି ।



ବନ୍ଧର ଉପର ମୁଣ୍ଡରେ ଥିବା ଚାଷ ଜମି ଗୁଡ଼ିକରେ ବହୁଳ ଭାବରେ ରାସାୟନିକ ସାର ଓ ବିଷ ପ୍ରୟୋଗ ଏଠାରେ ଏପରି ଦୃଶ୍ୟକୁ ଡ଼ାକି ଆଣିଛି ବୋଲି କୁହାଯାଉଛି । ରାସାୟନିକ ସାର ଓ ବିଷର ମିଶ୍ରିତ ଜଳ ବନ୍ଧରେ ମିଶିବା ଫଳରେ ନିର୍ଦ୍ଦିଷ୍ଟ କିଛି ପ୍ରଜାତିର ମାଛ ଆଉ ଦେଖିବାକୁ ମିଳୁ ନାହାଁନ୍ତି । ବିଶେଷ କରି ଦଣ୍ଡକିରା, କରାଣ୍ଡି, ତୁଡ଼ି, ମହୁରାଳି, କଉ ଇତ୍ୟାଦି ମାଛ ଆଉ ଦୃଶ୍ୟମାନ ହେଉନାହାଁନ୍ତି । ମାଛ ଖାଇ ଜୀବନ ବଂଚୁଥିବା ପାଣିକୁଆ ଓ ବଗ ମଧ ଖାଦ୍ୟ ଅଭାବରୁ ଏସ୍ଥାନ ଛାଡ଼ି ଚାଲିଯିବାକୁ ବାଧ ହୋଇଥିବାର କଥା କୁହାଯାଉଛି । ସେହିପରି ଏହିସବୁ ସ୍ଥାନ ମାନଙ୍କୁ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକ ମାନେ ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ ଏଣେ ତେଣେ ଫୋପାଡ଼ିଦେବା ଦ୍ୱାରା ଏଠାରେ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି । ଏହା ବନ୍ଧର ପରିବେଶକୁ ନଷ୍ଟ କରିବା ସହ ଜଳକୁ ବିଶାକ୍ତ କରି ଦେଉଛି । ସେହିପରି ପୂର୍ବରୁ ଏଠାରେ ହଂସରାଳି ଓ ପାଣିଓଧ ମଧ ଅଳ୍ପ ପରିମାଣରେ ବାସ କରୁଥିଲେ । ପାଣି ବିଶାକ୍ତ ହେବା ଏବଂ ଖାଦ୍ୟ ଅଭାବରୁ ହଂସରାଳି ଓ ପାଣି ଓଧ ଆଉ ଏଠାରେ ଦେଖିବାକୁ ମିଳୁହାଁନ୍ତି । ଏପରି ଅବସ୍ଥା ଲାଗିରହିଲେ ଆଗାମି ଦିନରେ ପରିବେଶ ପ୍ରତି ଭୟଙ୍କର ବିପଦ ମାଡ଼ି ଆସିବ ଏଥିରେ ସନ୍ଦେହ ନାହିଁ । ସାଧାରଣରେ ଏହା ଏକ ଚିନ୍ତାର ବିଷୟ ପାଲଟି ଯାଇଥିବାର କଥା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି ।

# ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ବାଲିଆପାଳ , ୨୭/୧ (ନି.ପ୍ର): ଚାକିରି ପଛରେ ନପଡି ଜୀବନର ଲକ୍ଷ ଦିଗରେ ଅଗ୍ରସର ହୁଅ, ଚାକିରି ତୁମ ପଛରେ ଗୋଡାଇବ,ସଫଳତା ହାସଲ ପରେ ଅର୍ଥ ଲାଳସାରେ ଖବର କାଗଜ ପୃଷ୍ଠାରେ ଶିରୋନାମ ପ୍ରସଙ୍ଗ ନହୋଇ ଭଲ ଅଫିସର ଭାବେ ନାମ କମାଇବା କୁ ଚେଷ୍ଟା କର। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ସ୍ଥିତ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଅତିଥି ମାନେ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା ସଭା ରେ ବିଦ୍ୟାଳୟର



ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ବେଣୁଧର ଜେନା,ମୁଖ୍ୟ ବକ୍ତା ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ଅତିଥି ସରପଞ୍ଚ କସ୍ତୁରୀ ବାଳା ପାତ୍ର, ସମାଜସେବୀ ଗୋବିନ୍ଦ ଦାସ,ହାଡିବନ୍ଧୁ ରାଉତ,ଓଷ୍ଟା ଜିଲ୍ଲା ସଂମ୍ପାଦକ ବିଜୟ କୁମାର ପାତ୍ର, ନୋଡାଲ ଅଫିସର ସଞ୍ଜୟ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଜେନା, ଶିକ୍ଷକ ବିକର୍ତ୍ତନ ରାଉତ, ରବିନ୍ଦ୍ର ଦାସ,ସିଆରସିସି ଜଗନ୍ନାଥ ମହାନ୍ତି, ପରିଚାଳନା କମିଟି ର ସଭାପତି କାଳିଚରଣ ପାଣିଗ୍ରାହୀ, ପ୍ରତିଷ୍ଠାତା ଙ୍କ ପୁତ୍ର ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ମଦନମୋହନ ଦେ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କୋମଳ ଲୋଚନ ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁମତୀ ସି , ମାନିବା ଦାସ, ପ୍ରତିମା ଦାସ, ମୌସୁମୀ ଦାସ, ଶୁଚିସ୍ମିତା ପରିଡା, ପ୍ରିୟଙ୍କା ଦେ , ଶିକ୍ଷକ ହରେକୃଷ୍ଣ ମାଝି, କର୍ମଚାରୀ ଜୟନ୍ତୀ ପଣ୍ଡା, ଚିନ୍ମୟ ପ୍ରମାଣିକ,ଅନିଲ କୁମାର ଧଳ ପ୍ରମୁଖ କାର୍ଯ୍ୟକ୍ରମକୁ ସହୋଯୋଗ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଅତିଥି ମାନଙ୍କ ଦ୍ୱାରା କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା।

# ଇଲେକ୍ଟ୍ରି କେବୁଲ ଲୁଟ ଘଟଣାରେ ମାଷ୍ଟର ମାଇଣ୍ଡ ଗିରଫ

ଭୁବନେଶ୍ୱର, ୨୭/୧ (ନି.ପ୍ର):ଇଲେକ୍ଟ୍ରି କେବୁଲ୍ ଲୁଟ ଘଟଣାରେ ମାଷ୍ଟର ମାଇଣ୍ଡକୁ ଡ଼େରାଡୁନ୍ ରୁ ଗିରଫ କଲା ପୋଲିସ ଓ ମାଷ୍ଟରମାଇଣ୍ଡ ସହିତ ଅନ୍ୟ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଜଗନ୍ନାଥ ମହାନ୍ତି । ଅଲ୍ଲୀ ଅଜଗର ଶିବତ୍ରା ଓ ଗତ କିଛି ଦିନ ତଳେ ଭୁବନେଶ୍ୱର ଏମ୍ସ ସମୁଖରୁ ଟ୍ରଲର ଓ କେନ ସାହାଯ୍ୟରେ ୩ କୋଟି ଟଙ୍କାର ଇଲେକ୍ଟ୍ରି କେବୁଲ ତାରକୁ ଦିନ ଦିପହର ଉଠାଇ ନେଇ ଗାଏବ ହୋଇଯାଇଥିଲେ ଲୁଟେରା ଦଳ । ଯାହା ପୋଲିସ ପାଇଁ ଥିଲା ବଡ ଚ୍ୟାଲେଞ୍ଜ । ଅଭିଯୁକ୍ତ ମାନେ ଲୁଟ କେବୁଲକୁ ସୁଦୂର ଛତିଶଗଡ଼ର ରାୟପୁର ଠାରେ ୮୦ ଲକ୍ଷ ଟଙ୍କାରେ କରିଦେଇଥିଲେ ବିକ୍ରି ଓ ତେବେ ଏହି ଘଟଣାରେ ଖଣ୍ଡଗିରି ପୋଲିସ ଡେରାଡୁନ ଯାଇ ଦୁଇ ଅଭିଯୁକ୍ତ ଗିରଫ କରାଯାଇଛି ।

# ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ

ବାରିପଦା , ୨୭/୧ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ପ୍ରତିଷ୍ଠାନର ସ୍ଥାୟୀ ସଭାପତି ଡା. ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ଛଉପଡିଆଠାରେ ହେଉଥିବା ପୁସ୍ତକମେଳା ମଣ୍ଡପରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସୁଶ୍ରୀ ଭାରତୀ ବେବର୍ତ୍ତା ବନ୍ଦେ ମାତରମ ତଥା ଶ୍ରୀଜଗନ୍ନାଥଙ୍କ ଭଜନ ଅତି ସୁଲଳିତ କଣ୍ଠରେ ପରିବେଷଣ କରିଥିଲେ । ପରେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ସତ୍ୟ, ବାସ୍ତବତା, କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ କବିତା ସାର୍ବଜନୀନ ଲାଭ କରିଥାଏ ବୋଲି କହିବା ସହିତ ସମାଜକୁ ସୁଶୃଙ୍ଖଳିତ କରିବା ପାଇଁ କବି ମାନଙ୍କର ପ୍ରମୁଖ ଭୂମିକା



ରହିଛି ବୋଲି ଉଲ୍ଲେଖ କରିଥିଲେ। ଏହି ସମାରୋହରେ ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି, ବାରିପଦା ଉପ-ଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଉଦ୍‌ଘାଟକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା, ସମାଜସେବୀ ଶରତ ଚନ୍ଦ୍ର ନାୟକ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ବସା, ସମ୍ମାନିତ ବକ୍ତା ଓ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସାହିତ୍ୟ ଓ କବିତାର ବିଭିନ୍ନ ଦିଗ ଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଶ୍ରୀଯୁକ୍ତ ସେଠୀ କବିତା ମାଧ୍ୟମରେ ନିଜର ଅଭିଭାଷଣ ରଖି କବି ଅପରୂପକୁ ରୂପ ଦିଏ, ଅବ୍ୟକ୍ତକୁ ବ୍ୟକ୍ତ କରେ, କୁତ୍ସିତକୁ ଅପରୂପ ଲାବଣ୍ୟ ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ । ପରେ ସୁଗାୟିକା ଭାରତୀ ବେବର୍ତ୍ତା ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ୯୫ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଓଡିଆ, ହିନ୍ଦୀ, ସାନ୍ତାଳୀ, ମୁଣ୍ଡାରୀ, ହୋ, ଇଂରାଜୀ ଓ ବଙ୍ଗଳା ପ୍ରଭୃତି ଭାଷାରେ ସ୍ୱରଚିତ କବିତା ଆବୃତ୍ତି କରି ପରିବେଶକୁ ଭାବମୟ କରିଥିଲେ । ଏହି ଅବସରରେ ବେତନଟୀରୁ ପ୍ରକାଶିତ କଇଁଫୁଲ ପତ୍ରିକାର ୧୦ମ ବର୍ଷ ପ୍ରଥମ ସଂଖ୍ୟା ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ପରେ ସଭାପତି ଡା. ଜେନା ପଠିତ କବିତା ଗୁଡିକର ସମୀକ୍ଷା କରି ଦେଶପ୍ରେମ, ଆଧ୍ୟାତ୍ମିକ ଚେତନା ତଥା ମା' ମାଟି ପ୍ରତି ମମତ୍ୱ ପ୍ରକାଶ କରୁଥିବା କବିତା ଗୁଡିକର ସୁନ୍ଦର ସମୀକ୍ଷା କରିଥିଲେ । ଏହି ଉତ୍ସବରେ ଡ. ଶଶିଧର ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଡ. ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, କବୟିତ୍ରୀ, ସାମ୍ବାଦିକ, ବୁଦ୍ଧିଜୀବି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ବନ୍ଦର ପ୍ରଶାସନ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୧ (ନି.ପ୍ର): ଦେଶରେ ପଣ୍ୟ କାରବାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ପାରାଦୀପ ବନ୍ଦର ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବା ସହିତ ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ହରନାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପାରାଦୀପ ବନ୍ଦର ଏବେ ଭାରତ ଅର୍ଥନୈତିକ ବିକାଶର ଦ୍ୱାର ହୋଇପାରିଛି ବୋଲି କହିଥିଲେ । ୧୫୦ ଏମଏମଟିରୁ ଉର୍ଦ୍ଧ ପଣ୍ୟ କାରବାର କରି ପାରାଦୀପ ବନ୍ଦର ସମଗ୍ର ଦେଶର ପ୍ରମୁଖ ବନ୍ଦରମାନଙ୍କୁ ପଛରେ ପକେଇ କ୍ରମାଗତ ଭାବେ ଏକ



ନମ୍ବର ବୃହତ ବନ୍ଦର ହୋଇପାରିଛି । ଆଗାମୀ ୨୦୩୦ ମସିହା ବେଳକୁ ପାରାଦୀପ ବନ୍ଦର ୩୫୦ ଏମଏମଟି ପଣ୍ୟ କାରବାର କରିପାରିବାର ଲକ୍ଷ୍ୟ ରଖି ବନ୍ଦରର ଭିତିଭୂମିରେ ବିକାଶ କରିବାରେ ଲାଗିଛି । ପାରାଦୀପ ବନ୍ଦରରେ ଗ୍ରୀନ ହାଇଡ୍ରୋଜେନ ଏବଂ ଇ-ମିଥାନୋଲ ପ୍ରକଳ୍ପ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । କର୍ମଚାରୀମାନଙ୍କ ଅର୍ଥନୈତିକ ବିକାଶ ଏହିତ ଚୁକ୍ତିଭିତିକ କର୍ମଚାରୀ ମାନଙ୍କ ଆୟରେ ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି । ପାଇପ୍ ଯୋଗେ ସମସ୍ତ ଘର ଗୁଡିକୁ ନେଚୁରାଲ ଗ୍ୟାସ ସଂଯୋଗୀକରଣ କାର୍ଯ୍ୟ ଚାଲୁ ରହିଛି ଏଥି ସହିତ କଳିଙ୍ଗ ମେରିଟାଇମ୍ ମିୟୁଜିୟମ୍ ନାମରେ ଏକ ବାଣିଜ୍ୟିକ କୋଠାର ନିର୍ମାଣ କରାଯାଉଥିବା ନେଇ ସେ ସୂଚନା ଦେଇଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ଶ୍ରୀ ହରନାଦ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା । ସଂନ୍ଧ୍ୟାରେ ଜୟଦେବ ସଦନ ରେ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ଡାଇବେଟିସ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୨୭/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଚକରଜୁନି ଆମ ଗାଁ ଯୁବ ପରିଷଦ ଆନୁକୁଲ୍ୟରେ ସାର୍ବଜନୀନ ସରସ୍ୱତୀ ପୂଜା,ଛପନମାଦଳ ମହୋତ୍ସବ ଉପଲକ୍ଷେ ଡାଇବେଟିସ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଂଚ ତପନୀ ଭୂୟାଁ ଏବଂ ଗ୍ରାମ ମୁଖ୍ୟ ଅଧାପକ କର୍ତିକେଶ୍ୱର ପାତ୍ର ମିଳିତରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଡାଇବେଟିସ ର ୧୪୫ ଜଣ ରୋଗୀଙ୍କ ପରୀକ୍ଷା କରିଥିବ ବେଳେ ଚକ୍ଷୁ ୧୩୯ ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ଥିଲା। ସେହିପରି ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପରିଷଦର ସଭାପତି ରାଜେନ୍ଦ୍ର ନାରାୟଣ ଦାସ, ସଂପାଦକ ମଧୁସୂଦନ ପାତ୍ର, କୋଷାଧକ୍ଷ ଚନ୍ଦନ କୁମାର ସେଠୀ,ଶ୍ରୀପତି ପ୍ରଧାନ, ସୃଷ୍ଟିଧର ଦେ,ବରେନ୍ଦ୍ର ନାଥ ପ୍ରଧାନ,ୱାର୍ଡ ସଭ୍ୟ ମଧୁସୁଦନ ପ୍ରଧାନ, ଗୌରାଙ୍ଗ ଚରଣ ପ୍ରଧାନ, ନାରାୟଣ ପ୍ରଧାନ, ସୁଜିତ କୁମାର ପ୍ରଧାନ, କାହ୍ନୁ ଚରଣ ରଣା, ରାମଚନ୍ଦ୍ର ଦେ ଶତ୍ରୁଘ୍ନ ଦେ,ଶମ୍ଭୁନାଥ ଦେ,ଅଶୋକ କୁମାର ଦେ, ଜଗବନ୍ଧୁ ଦେ, ସୁଭାଜିତ୍ ଦାସ, ସତ୍ୟରଞ୍ଜନ ଦାସ, ରତନ କୁମାର ସେଠୀ, ମନୋରଞ୍ଜନ ରଣା, ଚନ୍ଦନ ଭଞ୍ଜ, ରବିନ୍ଦ୍ର ସେଠୀ ଚନ୍ଦନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida